

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୫ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 05 AUGUST 2022
Vol.No. 35 ■ No. 204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







# ସାମ୍ନାକୁ ଆସିଲା ଚୀନ ଯୁଦ୍ଧାଭ୍ୟାସର ଭୟାନକ ଚିତ୍ର

## ତାଇୱାନର ସମୁଦ୍ର ଉପକୂଳରେ ମାଡ କଲା ମିଜାଇଲ୍



ନୂଆଦିଲ୍ଲୀ, ୦୪/୦୮ : ମୁହାଁମୁହିଁ ସ୍ଥିତିରେ ଚୀନ୍ ଓ ତାଇୱାନ । ତାଇୱାନକୁ ଜଳ, ସ୍ଥଳ ଓ ଆକାଶ ପଥରେ ଘେରିବା ପାଇଁ ପ୍ରସ୍ତୁତି ଚଳାଇଛି ବେଜିଂ । ଚୀନ୍ ସରକାରର ମୁଖପତ୍ର ବୋଲାଉଥିବା ଗ୍ଲୋବାଲ ଟାଇମ୍ସ, ପିପୁଲ୍ସ ଲିବେରେସନ ଆର୍ମି ବା ପିଏଲଏର ଯୁଦ୍ଧାଭ୍ୟାସର କିଛି ଦୃଶ୍ୟ ଜାରି କରିଛି । ତାଇୱାନ ଉପକୂଳ ସମୁଦ୍ରରେ ସାମରିକ ଦୃଷ୍ଟିରୁ ୬ଟି ସମ୍ବେଦନଶୀଳ ଜାଗାରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି ଚୀନ୍ । ତେବେ ଏସବୁ ଦୃଶ୍ୟ ଆଉ ଏକ ଯୁଦ୍ଧ ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି । ତାଇୱାନ ଚାରିପଟେ ଚୀନ ଓ ଆମେରିକା ସେନାର ସମରସଜ୍ଜା ଭିତରେ ଉତ୍ତେଜନା ବଢାଇଲା ଚୀନ । ଗୁରୁବାରଠାରୁ ଚୀନ ସେନା ପିଏଲଏ ତାର ସମରାଭ୍ୟାସ ଆରମ୍ଭ କରିଥିବାବେଳେ ୧୧ଟି ବାଲିଷ୍ଟିକ ମିଜାଇଲ ମାଡ କରିଛି । ଏନେଇ ଦାବି କରିଛି ତାଇୱାନ ତାଇପେଇର ପ୍ରତିରକ୍ଷା ମନ୍ତ୍ରାଳୟ । ନଜର ପକାନ୍ତୁ କଣ କହିଛି ତାଇୱାନ ପ୍ରତିରକ୍ଷା ମନ୍ତ୍ରାଳୟ...'ଚୀନ ସେନା ପିଏଲଏର ଅତି ଦାୟିତ୍ୱହୀନ ପଦକ୍ଷେପ କ୍ଷେତ୍ରୀୟ ଶାନ୍ତିଙ୍କୁ ଭଙ୍ଗ କରିଛି । ଚୀନ କମ୍ୟୁନିଷ୍ଟ ପାର୍ଟି ଏକାଧିକ ଡଙ୍ଗଫେଙ୍ଗ ସିରିଜର ବାଲିଷ୍ଟିକ ମିଜାଇଲ ମାଡ କରିଛି । ଯାହା ତାଇୱାନ୍ର ଉତ୍ତର-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ପଡିଛି ।' ଚୀନ ସେନା ଉତ୍ତେଜନା ବଢାଉଥିବାବେଳେ ଦକ୍ଷିଣ ଚୀନ ସାଗରରେ ମୁହାଁମୁହିଁ ହୋଇ ରହିଛନ୍ତି ବିଶ୍ୱର ଦୁଇ ମହାଶକ୍ତି ଚୀନ ଓ ଆମେରିକା । ଆମେରିକା ସଂସଦର ବାଚସ୍ପତି ନାନ୍ସି ପେଲୋସି ତାଇୱାନରେ ପହଞ୍ଚିବା କ୍ଷଣି, ପୂର୍ବ ଚୀନର ସାନଡଙ୍ଗ ପ୍ରୋଭିନ୍ସରୁ ବାହାରିଥିଲା ଲିଆଓନିଙ୍ଗ -୦୦୧ ଯୁଦ୍ଧ ଜାହାଜ । ସେହିପରି ଦକ୍ଷିଣ ଚୀନର ହାଇନାନ୍ ପ୍ରୋଭିନ୍ସରୁ ବାହାରି ଆସିଛି ଯୁଦ୍ଧ ଜାହାଜ ସାନଡଙ୍ଗ (ସିଭି-୧୭) । ତାଇୱାନର ପୂର୍ବପଟକୁ ୪ଟି ଯୁଦ୍ଧ ଜାହାଜ ମୁତୟନ କରିଛି ଆମେରିକା । ୟୁଏସଏସ ରୋନାଲ୍ଡ ରେଗାନ୍, ୟୁଏସଏସ୍ ତ୍ରିପୋଲି, ୟୁଏସଏସ ଆମେରିକା ଏବଂ ୟୁଏସଏସ ଏସେକ୍ସକୁ ଆକ୍ରମଣ ମୁଦ୍ରାରେ ମୁତୟନ କରିଛି । ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ତାଇୱାନକୁ ଚାରିପଟୁ ଘେରିରହିଛି ଚୀନ ସେନା । ଅଗଷ୍ଟ ୭ ଯାଏଁ ଏଠାରେ ସମରାଭ୍ୟାସ କରିବ ପିପୁଲ୍ସ ଲିବରେସନ ଆର୍ମି । ଗୁଳିଗୋଳା ବର୍ଷଣ ସହ ପୂର୍ଣ୍ଣ କ୍ଷମତାରେ ଅଭ୍ୟାସ କରିବ ଚୀନ ସେନା । ତାଇୱାନକୁ ନେଇ ଚୀନ ଓ ଆମେରିକା ମଧ୍ୟରେ ତିକ୍ତତା ଆଉ ପାଦେ ଆଗେଇଛି । ତେଣୁ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି । ତାଇୱାନର ଜଳସୀମାରେ ଚୀନ ସେନାର ମିଜାଇଲ ପଡିବା ପରେ ଏହି ସନ୍ଦେହ ଆହୁରି ଘନୀଭୂତ ହୋଇଛି । ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଚୀନ ଓ ତାଇୱାନ ଭିତରେ ଯୁଦ୍ଧ ନେଇ ଆଶଙ୍କା ବଢିଯାଇଛି । ତାଇୱାନ ଉପରେ ଚୀନ ତାର ସାର୍ବଭୌମତ୍ୱ ଜାହିର କରୁଥିବାବେଳେ ଆମେରିକା ସ୍ପିକରଙ୍କ ଗସ୍ତ ଚୀନକୁ ଚିଡାଇ ଦେଇଛି । ହେଲେ ଆମେରିକା ମଧ୍ୟ ଗଣତନ୍ତ୍ରର ସୁରକ୍ଷା କରିବ ବୋଲି କହୁଛି । ସୂଚନାଯୋଗ୍ୟ ଯେ, କିଛିଦିନ ହେଲା ତାଇୱାନର ବାୟୁସୀମାରେ ଯୁଦ୍ଧ ବିମାନ ଉଡାଇବାଠୁ ଆରମ୍ଭ କରି, ଦକ୍ଷିଣ ଚୀନ ସାଗରରେ ଯୁଦ୍ଧପୋତ ମୁତୟନ ଏବଂ ପଦାତିକ ବାହିନୀର ସମରାଭ୍ୟାସ କରିଆସୁଛୁ ଚୀନ ସେନା ପିଏଲଏ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନ ସହ ଏକପ୍ରକାର ଶକ୍ତି ପ୍ରଦର୍ଶନ କରୁଛି । ଜେ-୨୦ ଭଳି ଲଢୁଆ ବିମାନ ଏବଂ ଡିଏଫ-୧୭ ଭଳି ହାଇପରସୋନିକ ମିଜାଇଲ ମଧ୍ୟ ମୁତୟନ ହୋଇଛି ।

## ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡିର ଚଢ଼ାଉକୁ ନେଇ ବର୍ଷିଲେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୦୪/୦୮ : ନ୍ୟାସନାଲ ହେରାଲ୍ଡ ମାମଲାରେ ଜାରି ରହିଛି ଇଡିର ତଦନ୍ତ । ଦେଶର ବିଭିନ୍ନ ସ୍ଥାନରେ ନ୍ୟାସନାଲ ହେରାଲ୍ଡ କାର୍ଯ୍ୟାଳୟ ଉପରେ ଚଢାଉ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏହାରି ଭିତରେ ନୂଆଦିଲ୍ଲୀ ସ୍ଥିତ ୟଙ୍ଗ ଇଣ୍ଡିଆ କାର୍ଯ୍ୟାଳୟକୁ ଇଡି ସିଲ୍ କରିଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ବର୍ଷଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ । କେନ୍ଦ୍ର ସରକାରଙ୍କୁ ଆକ୍ରମଣାତ୍ମକ ଢଙ୍ଗରେ ଆକ୍ଷେପ କରିଛନ୍ତି କଂଗ୍ରେସ ନେତା । ରାହୁଲ କହିଛନ୍ତି, ମୋଦୀ ସରକାର ପୂରା ଦେଶରେ ଭୟର ବାତାବରଣ ଖେଳାଇ ସମସ୍ତଙ୍କୁ ଡରେଇବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ନରେନ୍ଦ୍ର ମୋଦୀଙ୍କୁ ସେ ଆଦୌ ଡରନ୍ତି ନାହିଁ । ଏଥିସହ ରାହୁଲ କହିଛନ୍ତି ସତ୍ୟକୁ ବନ୍ଦୀ କରି ରଖିବା ଅସମ୍ଭବ । ସରକାର ଯାହା ଇଚ୍ଛା କରନ୍ତୁ କିନ୍ତୁ କଂଗ୍ରେସ କିମ୍ବା ଗାନ୍ଧୀ ପରିବାର ଉପରେ ଏହାର କୌଣସି ଫଳ ପଡିବ ନାହିଁ । ଦେଶର ସୁରକ୍ଷା, ଗଣତନ୍ତ୍ରର ରକ୍ଷା ଓ ସତ୍ୟର ସାମ୍ନା କରିବା ପାଇଁ ସେ ଓ ତାଙ୍କ ଦଳ ସବୁବେଳେ ନିର୍ଭିକ ଭାବେ ଛିଡା ରହିଛନ୍ତି ଓ ରହିବେ । ସୂଚନାଯୋଗ୍ୟ ଯେ, ନ୍ୟାସନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନିଆ ଓ ରାହୁଲ ଗାନ୍ଧୀଙ୍କୁ ଜେରା କରିବା ପରେ ୟଙ୍ଗ ଇଣ୍ଡିଆ କାର୍ଯ୍ୟାଳୟକୁ ସିଲ କରିଛି ।

## କଂଗ୍ରେସର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ଇଡିର ନୋଟିସ



ନୂଆଦିଲ୍ଲୀ, ୦୪/୦୮ : କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପରେ ଦଳର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ଇଡି ନୋଟିସ ପଠାଇଛି । ମଲ୍ଲିକାର୍ଜୁନ ଖଡଗେଙ୍କୁ ଇଡି ନୋଟିସ ପଠାଇବା ପରେ ଏହାକୁ ନେଇ ଆଜି ସଂସଦରେ ଜୋରଦାର ହୋ ହାଲ୍ଲା ଦେଖିବାକୁ ମିଳିଛି । ଏନେଇ ସଂସଦରେ ପ୍ରଶ୍ନ ଉଠାଇଛନ୍ତି ଖଡଗେ । ସେ କହିଥିଲେ କି ସଂସଦରେ ଯେତେବେଳେ କେନ୍ଦ୍ର ସରକାର ଜାତୀୟ ଯାଂଚ ଏଜେନ୍ସିଗୁଡିକର ଦୁରୋପଯୋଗ କରୁଥିବା ନେଇ ବିରୋଧୀଦଳମାନେ ଅଭିଯୋ ଆଣୁଛନ୍ତି ଠିକ୍ ସେତିକି ବେଳେ ମୋତେ ଇଡି ନୋଟିସ ପଠାଇବା ସଂଯୋଗ ନା ପ୍ରୟୋଗ ବୋଲି ଖଡଗେ ପ୍ରଶ୍ନ ଉଠାଇଛନ୍ତି । ଠିକ ଏହାର କିଛି ସମୟ ପରେ ରାହୁଲ ଗାନ୍ଧୀଙ୍କ ବୟାନ ଆସିଥିଲା । ରାହୁଲ ଗଣମାଧ୍ୟମକୁ କହିଥିଲେ କି ସେ ନରେନ୍ଦ୍ର ମୋଦୀଙ୍କୁ ଭୟ କରନ୍ତି ନାହିଁ । ସୂଚନା ମୁତାବକ ମଲ୍ଲିକାର୍ଜୁନ ଖଡଗେ ସଂସଦରେ ଥିବା ବେଳେ ତାଙ୍କୁ ଇଡିର ନୋଟିସ ଆସିଥିଲା । ଏହି ନୋଟିସରେ ତାଙ୍କୁ ଆଜି ଦିନ ୧୨.୩୦ ରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ ନେଇ ଖଡଗେ କହିଛନ୍ତି କି, ମୁଁ ଆଇନକୁ ସମ୍ମାନ ଦିଏ ହେଲେ ସଂସଦ ଅଧିବେଶନରେ ଭାଗ ନେଇଥିବା ବେଳେ ଇଡି ଏଭଳି ଭାବେ ନୋଟିସ ପଠାଇବା ଉଚିତ କି, ବୋଲି ସେ ପ୍ରଶ୍ନ କରିଛନ୍ତି । ଏହାସହ ଗତକାଲି ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ଘରକୁ ପୋଲିସ ଘେରାବନ୍ଦୀ କରି ରଖିବାକୁ ଖଡଗେ ଗଣତନ୍ତ୍ରର ହତ୍ୟା ବୋଲି ଅଭିହିତ କରିଛନ୍ତି । ଏନେଇ ସେ ରାହୁଲଙ୍କ ଭଳି କହିଛନ୍ତି କି ନା ଆମକୁ ଡରିବାର ଅଛି ନା ମୁଣ୍ଡ ନୁଆଁଇବାର ଅଛି । ଏନେଇ ସଂସଦରେ ଆଲୋଚନା କରାଯାଉ ବୋଲି ଆବେଦନ କରିଥିଲେ । କହିରଖୁ କି ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ତରଫରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ସାଂସଦ ରାହୁଲ ଗାନ୍ଧୀଙ୍କୁ ଜେରା କରିସାରିଛି । ଏହାପରେ ଆଜି ଇଡି ତରଫରୁ ନ୍ୟାସନାଲ ହେରାଲ୍ଡ କାର୍ଯ୍ୟାଳୟ ପରିସରରେ ଥିବା ୟଙ୍ଗ ଇଣ୍ଡିଆ କାର୍ଯ୍ୟାଳୟ ସିଲ କରିଛି ଇଡି ।

## ରାଜ୍ୟରେ ବୁଷ୍ଟର ଡୋଜ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି ଲୋକ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ରାଜ୍ୟରେ ବୁଷ୍ଟର ଡୋଜ ନେବା ପାଇଁ ଲୋକ ମାନେ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୭ ପ୍ରତିଶତ ଲୋକେ ବୁଷ୍ଟର ଡୋଜ ନେଇ ନାହାନ୍ତି । ରାଜ୍ୟର ୨ କୋଟି ୮୨ ଲକ୍ଷ ଲୋକେ ବୁଷ୍ଟର ଡୋଜ ନେଇ ନାହାନ୍ତି । ଏହାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା କେବଳ ୪୨ ଲକ୍ଷ ୭୦ ହଜାର ୪୮୭ ଲୋକେ ବୁଷ୍ଟର ଡୋଜ ନେଇଛନ୍ତି । ଯାହାକି ମାତ୍ର ୧୩ ପ୍ରତିଶତ । ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ରାଜ୍ୟର ୨୫ ଲକ୍ଷ ଲୋକ ନେଇ ନାହାନ୍ତି ଦ୍ୱିତୀୟ ଡୋଜ ଟିକା । କଟକ, ଖୋର୍ଦ୍ଧା, ଜଗତସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୁଳ ଭଳି ଜିଲ୍ଲାରେ ପ୍ରଥମ ଡୋଜ ୯୦ ପ୍ରତିଶତରୁ କମ ଟିକାକରଣ ହୋଇଛି । ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ମାଗଣା ଟିକାକରଣକୁ ଆଉ କମ ଦିନ ବାକିଥିବାରୁ ସମସ୍ତଙ୍କୁ ତୁରନ୍ତ ବୁଷ୍ଟର ଡୋଜ ନେବା ଲାଗି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି ।

## ଭୁବନେଶ୍ୱର ଏମ୍ସ ହାଉସ୍ କିପିଂ ଷ୍ଟାଫ୍‌ଙ୍କ ଧାରଣା ପ୍ରଦର୍ଶନ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ହାଉସ୍ କିପିଂ ଷ୍ଟାଫ୍ ମାନେ ବିଭିନ୍ନ ଦାବିକୁ ନେଅ ଧାରଣା ପ୍ରଦର୍ଶନ କରିଛନ୍ତି । ଏମ୍ସ ମୁଖ୍ୟ ଫାଟକରେ ତାଲା ପକାଇ ଶତାଧିକ କର୍ମଚାରୀ ମାନେ ଧାରଣା ଦେଇଛନ୍ତି । ଛଟେଇ ଓ ଦରମା କାଟ୍ ପ୍ରତିବାଦରେ ଏହି ଧାରଣା ଦିଆଯାଇଥିବା ଜଣା ପଡିଛି ।

## ଶିଳ୍ପପତି ମହିମା ମିଶ୍ରଙ୍କ ଘରେ ଓ ଅଫିସ୍‌ରେ ସିବିଆଇ ଚଢ଼ଉ



ଭୁବନେଶ୍ୱର,୦୪/୦୮ (ନି.ପ୍ର): ଗୁରୁବାର ସକାଳୁ ସିବିଆଇ ମହିମା ମିଶ୍ରଙ୍କ ଘର ଓ ଅଫିସ୍‌ରେ ଚଢ଼ଉ କରିଥିଲା । ମହିମା ମିଶ୍ରଙ୍କ କଟକ ଓଡ଼ିଆ ବଜାରସ୍ଥିତ ଘର ଓ ଲିଙ୍କ ରୋଡରେ ଥିବା ଅଫିସ୍‌ରେ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇ ତଦନ୍ତ କରାଯାଇଥିଲା । କଟକ ବ୍ୟତୀତ ପାରାଦୀପର ବିଭିନ୍ନ ସ୍ଥାନରେ ସିବିଆଇ ଟିମ୍ ପକ୍ଷରୁ ଚଢ଼ଉ ଜାରି ରହିଛି । ଏନେଇ ସିବିଆଇ ପକ୍ଷରୁ କେ?ଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନାହିଁ । ଅନ୍ୟ ପକ୍ଷରେ ଚଢ଼ଉ ପରେ ସିବିଆଇର ଅଧିକାରୀମାନେ ମହିମା ମିଶ୍ରଙ୍କ ବଡ଼ପୁଅ ଚନ୍ଦନ ମିଶ୍ରଙ୍କୁ କଟକ ଓଡ଼ିଆ ବଜାରସ୍ଥିତ ଘରୁ ସାଥିରେ ନେଇ ଯାଇଛନ୍ତି । ସିବିଆଇ ଟିମ୍ ଚନ୍ଦନଙ୍କୁ ନିଜ ହେପାଜତରେ ରଖି ଅଧିକ ପଚରାଉଚରା କରିବ । ଚନ୍ଦନ ମିଶ୍ରଙ୍କୁ ଅଧିକ ଜେରା ପାଇଁ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ଦିଲ୍ଲୀର ସ୍ୱତନ୍ତ୍ର ଟିମ୍ ପହଞ୍ଚିଛନ୍ତି । ତେଣୁ ବଡ଼ ଧରଣର ଠକେଇ କାରବାର ହୋଇଥିବା ଅନୁମାନ କରାଯାଉଛି ।

## କାହା ପାଖରେ ରହିବ ଶିବସେନାର ଦଳୀୟ ଚିହ୍ନ



ନୂଆଦିଲ୍ଲୀ, ୦୪/୦୮ : ମହାରାଷ୍ଟ୍ରରେ ଲାଗି ରହିଥିବା କ୍ଷମତା ସଂକଟର ଅନ୍ତ ଘଟିଥିଲେ ବି କାହା ପାଖରେ ଶିବସେନାର ଦଳୀୟ ଚିହ୍ନ ରହିବ ତାହାକୁ ନେଇ ବିବାଦ ମେଣ୍ଟିବାର ନାଁ ନେଉନି । ଏହାରି ମଧ୍ୟରେ ଉଭୟ ଉଦ୍ଧବ ଠାକରେ ଗ୍ରୁପ ଓ ସିନ୍ଦେ ଗ୍ରୁପ ଶିବସେନାର ଦଳୀୟ ଚିହ୍ନ ହାତେଇବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଯେଉଁ ଶୁଣାଣି କରିଛନ୍ତି ସେଥିରେ ଉଦ୍ଧବ ଠାକରେଙ୍କୁ ସାମାନ୍ୟ ଆସ୍ୱସ୍ତି ମିଳିଛି । ଏହି ମାମଲାରେ ସୁପିମକୋର୍ଟ ନିର୍ବାଚନ କମିଶନଙ୍କୁ ତୁରନ୍ତ ନିଷ୍ପତ୍ତି ନ ନେବାକୁ କହିଛନ୍ତି । ଏହି ମାମଲାରେ ଉଭୟ ପକ୍ଷ ଅଗଷ୍ଟ ୮ ତାରିଖରେ ନିର୍ବାଚନ କମିଶନଙ୍କ ପାଖରେ ଜବାବ ଦାଖଲ କରିବାର ଅଛି । ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି କି ଯଦି କୌଣସି ପକ୍ଷ ଜବାବ ଦାଖଲ କରିବା ପାଇଁ ସମୟ ମାଗନ୍ତି ତେବେ ସେମାନଙ୍କୁ ସମୟ ଦେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮ ତାରିଖରେ ହେବ । ଏହି ମାମଲାର ସାମ୍ବିଧାନିକ ପୀଠକୁ ପଠାଯିବ କି, ନାହିଁ ତା ଉପରେ ଆଗାମୀ ଶୁଣାଣି ହେବ । କହି ରଖୁ କି ଏହି ମାମଲାରେ ଉଦ୍ଧବ ଠାକରେଙ୍କ ତରଫରୁ ଓକିଲ ଭାବେ କପିଲ ଶିବଲ ସୁପ୍ରିମକୋର୍ଟରେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇବାକୁ ଆବେଦନ କରିଥିଲେ । ସେ କହିଥିଲେ କି ନିର୍ବାଚନ ଆୟୋଗ ନିର୍ଦ୍ଧାରିତ କରିପାରିବେ ନାହିଁ କି କିଏ ଅସଲି ଶିବସେନା । ବିଦ୍ରୋହୀ ବିଧାୟକଙ୍କ ଅଯୋଗ୍ୟତା ନେଇ ହୋଇଥିବା ମାମଲାର ଶୁଣାଣି ନହେବା ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ନିଷ୍ପତ୍ତି ନ ନିଅନ୍ତୁ କି ଅସଲି ଶିବସେନା କିଏ ।

## ଅନୁଭବଙ୍କ ସୁରକ୍ଷାକର୍ମୀଙ୍କୁ ଜାତିଆଣ ଆକ୍ଷେପ ମାମଲାରେ ବର୍ଷାଙ୍କୁ ମିଳିଲା ଅନ୍ତରୀଣ ସୁରକ୍ଷା

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା । ମିଳିଛି । ଅନୁଭବଙ୍କ ସୁରକ୍ଷା କର୍ମୀଙ୍କୁ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଥିଲେ । ଏହି ମାମଲାରେ ଆଗୁଆ ଜାମିନ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ଷା । ଉଲ୍ଲେଖନୀୟ ଯେ ସାଂସଦ ଅନୁଭବଙ୍କ କର୍ମଚାରୀଙ୍କୁ ଜାତିସୂଚକ ଗାଳି ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ବର୍ଷାଙ୍କୁ ସମନ କରିଥିଲା । ବର୍ଷାଙ୍କ ସହ ତାଙ୍କ ଝିଆରୀ ଓ ମାଆଙ୍କୁ ବି ସମନ ହୋଇଥିଲା ।

## ବଙ୍ଗୋପସାଗରରେ ୭ରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଆଗାମୀ ୭ ଅଗଷ୍ଟ ବେଳକୁ ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ଦ୍ୱାରା ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ୭ ଏବଂ ୮ ତାରିଖରେ ରାଜ୍ୟର କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ନେଇ ସୂଚନା ▶▶ପୃଷ୍ଠା ୭

## ଅଭିନେତା ବାବୁସାନ୍ ମହାନ୍ତିଙ୍କ ଆଗୁଆ ଜାମିନ ଶୁଣାଣିର ଅନ୍ତ



ଭୁବନେଶ୍ୱର,୦୪/୦୮ (ନି.ପ୍ର): କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ଓଲିଉଡର ଅଭିନେତା ବାବୁସାନ୍ ମହାନ୍ତିଙ୍କ ଆଗୁଆ ଜାମିନ ଶୁଣାଣିରେ ଅନ୍ତ ଘଟିଛି । ସେ ଜାଂଚରେ ସହଯୋଗ କରୁଥିବାରୁ ତାଙ୍କୁ ଗିରଫ କରାଯିବ ବୋଲି କୋର୍ଟ ମନେ କରି ନାହାନ୍ତି । ତେଣୁ ଆଗୁଆ ଜାମିନ ଆବେଦନର ଆବଶ୍ୟକତା ନଥିବା କୋର୍ଟ ହୃଦବୋଧ କରିଛନ୍ତି । କୋର୍ଟରେ ସରକାରୀ ଓକିଲ ଓ ବାବୁ ସାନଙ୍କ ଓକିଲ ଉଭୟ ଜଣାଇଥଲେ ଯେ ସେ ଜାଂଚରେ ସହଯୋଗ କରୁଛନ୍ତି । ଏହା ପରେ କୋର୍ଟ ଏହି ଆବେଦନର ଅନ୍ତ ଘଟାଇଛନ୍ତି । ବାବୁସାନଙ୍କ ଓକିଲ ଧରଣୀଧର ନାୟକ ଏହି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଅଭିନେତା ବାବୁସାନ୍ ମହାନ୍ତି ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ମାସ ୨୩ ତାରିଖ ଦିନ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ବାବୁସାନ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କୁ ମାରିବା ସହ ପ୍ରକୃତିଙ୍କୁ ଟଣାଓଟରା କରିଥିଲେ । ଏହି ଘଟଣାକୁ କେନ୍ଦ୍ରକରି ମାମଲା ଆଗକୁ ବଢ଼ିଥିଲା । ପ୍ରକୃତି ମିଶ୍ରଙ୍କ ବାପା ମନ୍ମଥ ମିଶ୍ର ତୃପ୍ତି ଶତପଥୀ ଓ ତାଙ୍କ ବାପାଙ୍କ ନାମରେ ଥାନାରେ ଏତଲା ଦେଲା ପରେ ତୃପ୍ତି ମଧ୍ୟ ଭୁବନେଶ୍ୱରସ୍ଥିତ ଖାରବେଳ ନଗର ଥାନାରେ ଏତଲା ପ୍ରକୃତିଙ୍କ ବିରୋଧରେ ଏତଲା ଦେଇଥିଲେ । ତୃପ୍ତିଙ୍କ ଅଭିଯୋଗକୁ ନେଇ ପୁଲିସ ମାମଲା ରୁଜୁ କରିଥିଲା ।

## ସରକାର ଲଗାଇଲେ ୫% ଜିଏସଟି, କମ୍ପାନୀ ବଢାଇଦେଲା ୫୦% ଦାମ

ନୂଆଦିଲ୍ଲୀ, ୦୪/୦୮ : ସରକାର ଯେତେବେଳେ ପ୍ୟାକେଟ ଦୁଗ୍ଧ ଜାତୀୟ ଖାଦ୍ୟ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସଟି ଲଗାଇଲେ ଏହାପରେ ଉତ୍ପାଦନକାରୀ କମ୍ପାନୀ ମାନେ ସେମାନଙ୍କ ମନଇଚ୍ଛା ଦରବୃଦ୍ଧି କରିବାରେ ଲାଗିପଡିଲେ । ଆପଣ କେବେ ଆଶା କରିଥିଲେ କି ୧୦ ଟଙ୍କାର ପ୍ୟାକେଟ ଦହି ଏବେ ୧୫ ଟଙ୍କାରେ ବିକ୍ରି ହେବ । ଏହା ଆପଣଙ୍କ ପକେଟକୁ ତ ନିଶ୍ଚିତ ବାଧିବ ହେଲେ ଥରେ ଚିନ୍ତା କରନ୍ତୁ ତ ଜିଏସଟି ଆଳରେ ଉତ୍ପାଦନକାରୀ କମ୍ପାନୀମାନେ କିଭଳି ଲୁଟ ଚଳାଇଛନ୍ତି । କହିରଖୁ କେନ୍ଦ୍ର ସରକାର ଗତମାସରେ ପ୍ରଥମଥର ପାଇଁ ଦୁଗ୍ଧ ଜାତୀୟ ପ୍ୟାକେଟ ସାମଗ୍ରୀକୁ ଜିଏସଟି ପରିସରଭୁକ୍ତ କରିଥିଲେ । ଏହା ଜୁଲାଇ ୧୮ ତାରିଖରୁ ସାରା ଦେଶରେ ଲାଗୁ ହୋଇଛି । ସରକାର ପ୍ୟାକେଟ ଦୁଗ୍ଧ ଜାତୀୟ ସାମଗ୍ରୀ ଉପରେ ୫ ପ୍ରତିଶତ ଜିଏସଟି ଲଗାଇଛନ୍ତି । ହେଲେ ଏବେ ଉତ୍ପାଦନକାରୀ କମ୍ପାନୀମାନେ ଜିଏସଟି ଆଳରେ ୧୦ ଟଙ୍କାର ପ୍ୟାକେଟ ଦହିକୁ ୧୫ ଟଙ୍କାରେ ବିକ୍ରି କରିବା ଆରମ୍ଭ କରିଛନ୍ତି । ସୂଚନା ମୁତାବକ ଏବେ ଦେଶରେ ଅନେକ କମ୍ପାନୀ ପ୍ୟାକେଟ କ୍ଷୀର ▶▶ପୃଷ୍ଠା ୭

## ସାମାନ୍ୟ ବଚସାରୁ ମାଆ-ଝିଅଙ୍କ ଉପରେ ଟ୍ରକ ଚଢ଼ାଇ ଦେଲା ଡ୍ରାଇଭର

ଭୁବନେଶ୍ୱର,୦୪/୦୮ (ନି.ପ୍ର): ପ୍ରତିହିଂସା ଓ ପ୍ରତିଶୋଧ ପାଇଁ ମାଆ-ଝିଅଙ୍କ ଜୀବନ ଯାଇଛି । ଟ୍ରକ ଚଢ଼ାଇ ସେମାନଙ୍କୁ ହତ୍ୟା କରିଛି ଟ୍ରକ ଡ୍ରାଇଭର । ସାଇଡ୍ ମାରିବା ଓ ରାସ୍ତାରେ ଅଶ୍ଳୀଳ ଇଙ୍ଗିତ ଦେବା ପରେ ଯେତେବେଳେ ମାଆ-ଝିଅ ଏହାର ପ୍ରତିବାଦ କଲେ ଏବଂ ରାସ୍ତାରେ ମାଡ଼ ମାରିଲେ, ତାକୁ ଗ୍ରହଣ କରିପାରିନଥିଲା ନରହନ୍ତା ଡ୍ରାଇଭର । ସ୍କୁଟିରେ ଯାଉଥିବା ମାଆ-ଝିଅଙ୍କ ଉପରେ ଟ୍ରକ ଚଢ଼ାଇ ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେବା ପାଇଁ ରଚିଥିଲା ଭୟଙ୍କର ଷଡ଼ଯନ୍ତ୍ର । ଫିଲ୍ମର ଭୟାନକ କାହାଣୀ ଭଳି ସତ କାହାଣୀ ଘଟିଛି ଯାଜପୁର ଜିଲ୍ଲା ଜେନାପୁର ଥାନା ବରଡ଼ା ଛକ ନିକଟରେ । କ୍ଷଣିକ ରାଗ କେତେ ବିଭତ୍ସ ହୋଇପାରେ, ମଣିଷକୁ କିପରି ନରହନ୍ତା ବନାଇଦିଏ, ତାହା ହିଁ ଦେଖିବାକୁ ମିଳିଛି ଏହି ଅଭାବନୀୟ ଘଟଣାରେ । ପ୍ରତିଶୋଧ ପାଇଁ ହତ୍ୟାକାଣ୍ଡ ଘଟାଇବା ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର କରିଥିଲା ଟ୍ରକ ଡ୍ରାଇଭର । ▶▶ପୃଷ୍ଠା ୭

# ୮ ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି,୪/୦୮ (ନି.ପ୍ର): ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପୂର୍ବତନ ଶିକ୍ଷକ ସମ୍ପାଦକଙ୍କ ଉପସ୍ଥିତିରେ ସ୍ଥାନୀୟ କୋରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳ ୟରେ ଏକକାଳୀନ ୮ ଜଣ ଅବସର ନେଇଥିବା ବରିଷ୍ଠ ଶିକ୍ଷକ ମାନଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ନୀଳକଣ୍ଠ ବେହେରା ପୂର୍ବତନ ସମ୍ପାଦକ ପ୍ରଭାତ ପରିଡା ଙ୍କ ଉଦ୍ୟମ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟୀତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଂଚାସିନ ଥିବାବେଳେ ବରିଷ୍ଠ ମୁଖ୍ୟ କିରାଣୀ ଲକ୍ଷ୍ମୀ ନାରାୟଣ ସେଠୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ସମାଜ ତରଫରୁ ଶିକ୍ଷକ ପ୍ରତିନିଧି ଗଣ ଉପସ୍ଥିତ ଥିଲେ । ଜୁନ ଓ ଜୁଲାଇ ମାସରେ ଅବସର ଗ୍ରହଣ କରିଥିବା ବରିଷ୍ଠ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ପଟନାୟକ ,ବିକାଶ ବିଶ୍ୱାସ , କୈଳାସ ଚନ୍ଦ୍ର ପ୍ରଧାନ , ଡି ପି ଆର ପାତ୍ର , ରମେଶ ଚନ୍ଦ୍ର ସ୍ୱାଇଁ ,ବଳରାମ ଲେଙ୍କା , କୈଳାସ ପ୍ରଧାନ ,ବସନ୍ତ କୁମାର ଲେଙ୍କା ଓ ରୁଦ୍ରାକ୍ଷ ରାଓ ଙ୍କୁ ଶିକ୍ଷକ ମାନଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ,ମୁଖ୍ୟ ବକ୍ତା ଓ ସଂଘର ସଭାପତି ବରିଷ୍ଠ ଶିକ୍ଷକ କାର୍ଯ୍ୟାଳୟର କାର୍ଯ୍ୟକର୍ତ୍ତା ଙ୍କ ସମ୍ମୁଖରେ ଉପଢୌକନ ପ୍ରଦାନ ପୂର୍ବକ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ନୀଳକଣ୍ଠ ବେହେରା ଓ ପ୍ରଭାତ ପରିଡା ଙ୍କ ମିଳିତ ଉଦ୍ୟମକୁ ଶିକ୍ଷକ ସମାଜରେ ବିଭିନ୍ନ ମହଲରୁ ପ୍ରଶଂସା ର ବାର୍ତ୍ତା ଛୁଟିଥିଲା । ଅବସର ଗ୍ରହଣ କରିଥିବା ଶିକ୍ଷକମାନେ ନିଜ ଅନୁଭୂତିରୁ କିଛି କିଛି ଉପସ୍ଥାପନା କରିଥିଲେ ।

# ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୪/୦୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୫ ରେ ଦେଶ ସ୍ୱାଧିନ ହେବାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ ନାଁ ରେ ପାଳନ ହେବାକୁ ଯାଉଛି ୭୫ ତମ ସ୍ୱାଧିନତା ଦିବସ ।ସ୍ୱାଧୀନତା ଦିବସ ପାଳନ କୁ ନେଇ ସାରାଦେଶ ସଜବାଜ ହେଉଥିବା ବେଳେ ଏପରିପେକ୍ଷୀ ରେ ନୂଆପଡା ଜିଲ୍ଲା ର ଖଡିଆଳ ସହର ର ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପାଳନ ହେବ ୭୫ ତମ ସ୍ୱାଧିନତା ଦିବସ । ସ୍ୱାଧିନତା ଦିବସ ପାଳନ କୁ ନେଇ ମଗଂଳବାର ଖଡିଆଳ ବ୍ଲକ ସମ୍ମଳନୀ କକ୍ଷ ଠାରେ ଖଡିଆଳ ବିଡିଓ ନାରାୟଣ ସାହୁ ଙ୍କ ଅଧକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ । ଏ ଅବସର ରେ ପ୍ରାଥମିକ ସ୍କୁଲ ରୁ ଆରମ୍ଭ କରି କଲେଜ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହ କୃତିପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଖଡିଆଳ ବ୍ଲକ ଅଧକ୍ଷା ପୁଷ୍ପାଜଂଳୀ ନନ୍ଦ,ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି ,ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ମିଶ୍ର ଏ ବି ଡି ଓ ଶୁକ୍ରୁ ରାଠୋର,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି,ଦବ୍ଲୁ ଇ ଓ କ୍ଷଣପ୍ରଭ ପାଣିଗ୍ରାହୀ,ପୋଲିସ ଏସ ଆଇ ଦେବେନ୍ଦ୍ର ବିନ୍ଧାଣି,ଅଧାପକ ଡ ପଦ୍ମଲୋଚନ ବର୍ମା,, ଅସିତ୍ ପଟ୍ଟନାୟକ, ଅକ୍ଷୟ ନନ୍ଦ,ଅବସର ପ୍ରାପ୍ତ ଯବାନ ସୁରେନ୍ଦ୍ର କୁମାର,ବ୍ଲକ ଶିକ୍ଷା ଅଧିକାରୀ ସମେତ ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ/ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଅଧପାକ ଆଲୋକ ରଥ ମଞ୍ଚ ପରିଚାଳନା ଓ ଶିକ୍ଷୟତ୍ରୀ ମମତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସିପିଆଇ ଜୟପୁର ଜୋନ୍ ସମ୍ମିଳନୀ

ଜୟପୁର,୪/୦୮ (ନି.ପ୍ର): ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜୟପୁର ଜୋନ୍ ର ସମ୍ମିଳନୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ପୂର୍ବରୁ କମ୍ୟୁନିଷ୍ଟ ପାର୍ଟି ର ଝଣ୍ଡା ଯୁଧିଷ୍ଟିର ରାଉଳ ଉତ୍ତୋଳନ କରିଥିଲେ । ସଭାକୁ ସମ୍ବୋଧିତ କରି ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଶ୍ରୀ ପ୍ରମୋଦ ମହାନ୍ତି କହିଥିଲେ ଯେ ଅଚ୍ଛେ ଦିନର ମିଥ୍ୟା ଭେଳିକି ଦେଖେଇ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ର ରେ କ୍ଷମତା ଦଖଲ ପରେ ପ୍ରତ୍ୟେକ କ୍ଷେତ୍ରରେ ଜନସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛି । ବେକାରୀ ସମସ୍ୟା ବଢିବା ସହ ନିଯୁକ୍ତି ହ୍ରାସ ପାଉଛି, ଦରଦାମ୍ ବୃଦ୍ଧି ଅସହ୍ୟ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଦର ଅତ୍ୟଧିକ ବୃଦ୍ଧି ଦରବୃଦ୍ଧି କୁ ବହୁଗୁଣିତ କରିଛି । ଜନସାଧାରଣ ଙ୍କ ଠାରୁ ବିଭିନ୍ନ ବାଟରେ ଟିକସ ନିଆଯାଉଛି । ସାମ୍ବିଧାନିକ ସଂସ୍ଥା ଗୁଡ଼ିକର ଅପବ୍ୟବହାର କରି ବିରୋଧୀ ଦଳ ମାନଙ୍କ ବିରୁଦ୍ଧରେ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି । ଓଡ଼ିଶାର ଯୁବକ ଦାଦନ ଖଟିବାକୁ ଯାଉଥିବା ବେଳେ ଆଜି ବି ସ୍ୱଚ୍ଛ ପିଇବା ପାଣି ମିଳୁନାହିଁ ଯେଉଁଥିପାଇଁକି ହଇଜାରେ ଲୋକ ମରୁଛନ୍ତି । ଜନସାଧାରଣ ଙ୍କ ସମସ୍ୟା ନେଇ ଗଣ ଆନ୍ଦୋଳନ କୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସହ ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ସାଂଗଠନିକ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ ।ସଭାରେ ଜୟପୁର ଜୋନ୍ ପାଇଁ ଏକ ସାତଜଣିଆ କମିଟି ସର୍ବଶ୍ରୀ ସତ୍ୟବ୍ରତ ନନ୍ଦ,ନନ୍ଦ ହରିଜନ,ସନ୍ୟାସୀ ମାଳୀ,କେଶବ ନାଗ,ମାଧବ ନାୟକ,ସୀମାଞ୍ଚଳ ନାୟକ, ନିତ୍ୟାନନ୍ଦ ପାତ୍ର, ପ୍ରମୁଖ ଙ୍କୁ ନେଇ ଗଠନ କରାଯାଇଛି । ଶ୍ରୀ ସତ୍ୟବ୍ରତ ନନ୍ଦ ସମ୍ପାଦକ ଓ ସନ୍ୟାସୀ ମାଳୀ ସହ ସମ୍ପାଦକ ଭାବେ ସଂଗଠନ ଦାୟିତ୍ୱ ବହନ କରିଛନ୍ତି ।

# ୧୦% ପି.ସି ଭାଗବଣ୍ଟାର ହିସାବ ଦେଇ ନିଲମ୍ବିତ ହେଲେ ପଂଚାୟତ ଅଧିକାରୀ

କେନ୍ଦ୍ରାପଡ଼ା,୪/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର କେତେକ କାର୍ଯ୍ୟାଳୟରେ ଆଖିବୁଜା ଦୁର୍ନିତି ଓ ପି.ସି କାରବାର ଚରମ ସୀମାରେ ପହଁଚିଛି । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପୈଠ ବେଳେ ଦାୟିତ୍ୱରେ ଥିବା ଅଧିକାରୀ ସିଧାସଳଖ ଲାଂଚ ମାଗିବା ଓ ପି.ସି କାଟି ରଖିବା ଦିନକୁ ଦିନ ବଢିବାରେ ଲାଗିଛି । ଏହିଭଳି ଏକ ଘଟଣାରେ ପୁରୁଷୋତମପୁର ପଂଚାୟତର ନିର୍ବାହୀ ଅଧିକାରୀ ସୁରେଖା ମଲିକ ୧୦% ପି.ସି କାଟି ରକି ଅବଶିଷ୍ଟ ଟଙ୍କା ଠିକାଦାର ଙ୍କୁ ପୈଠ କରିଥିବା ଘଟଣାର ଭିଡିଓ ପ୍ରଘଟ ହେବାପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି । ଘଟଣା ମୁତାବକ ଏହି ଭିଡିଓରେ ନିଆଯାଉ ଥିବା ୧୦% ପି.ସିରୁ ପଂଚାୟତ ଅଧିକାରୀ ନିଜେ ୪% ପି.ସି ରଖି ଅବଶିଷ୍ଟ ଅର୍ଥକୁ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ମାନଙ୍କୁ ଦେଉଥିବାର ହିସାବ ପ୍ରକାଶ କରିଛନ୍ତି । ପୁରୁଷୋତମପୁର ପଂଚାୟତର ଏକ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ଠିକାଦାର ବିଶ୍ୱମ୍ବର ସେଠୀ କାମ କରିଥିଲେ । କାମ ସରି ଯାଇଥିଲେ ମଧ ବିଲ ପାଶ୍ କରିବା ପାଇଁ ଠିକାଦାର ଜଣକ ପିଇଓଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ୧୦% ପି.ସି ନଦେଲେ ବିଲ ପାଶ୍ କରାଯିବ ନାହିଁ ବୋଲି ଭିଡିଓରେ ପ୍ରକାଶ କରିଥିଲେ ।

## ମଦ ପ୍ରସ୍ତୁତ ସମୟରେ ଚଢାଉ: ଜଣେ ଗିରଫ

ଜୟପୁର,୪/୦୮ (ନି.ପ୍ର): ଦେଶୀ ମଦ ପ୍ରସ୍ତୁତ କରୁଥିବା ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗଡପଦର ଗ୍ରାମର ବାଲା କନ୍ଦପାନ (୩୨) । ପୋଲିସ ସୁଚନା ଅନୁଯାଇ ଗଡପଦରରେ ମଦ ମଫିଆମାନେ ମଦ ରଖିଥିବା ସୁଚନା ପାଇ ଜୟପୁର ସଦର ପୋଲିସ ଚଢାଉ କରିଥିଲା । ଚଢାଉ ସମୟରେ ମଦ ଭାଟି ଲାଗିଥିବା ବେଳେ ମଦ ପ୍ରସ୍ତୁତ କରୁଥିବା ଦେଖି ପୋଲସ ମଦ ଭାଟି ଭାଙ୍ଗିବାସହ ଅଭିଯୁକ୍ତକୁ ଗିରଫ କରି ୧୦ ଲିଟର ଦେଶି ମଦ ଓ ୪୦ ଲିଟର ପୋଚକୁ ଜବତ କରି ଥିବା ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

## ବଲାଙ୍ଗୀରରେ ନୂଆଖାଇ ଲଗ୍ନ ଧାର୍ଯ୍ୟ

ବଲାଙ୍ଗିର ,୪/୦୮ (ନି.ପ୍ର): ଚଳିତ ବର୍ଷ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଯାଇଛି । ପାଟଣା ମହାରାଜାଙ୍କ ହାଉସ୍ ହୋଲ୍ଡ୍ ଅଫିସ ପକ୍ଷରୁ କୁହାଯାଇଛି ଯେ, ଚିରାଚରିତ ପ୍ରଥା ଅନୁଯାୟୀ ସମଗ୍ର ବଲାଙ୍ଗିର ଜିଲ୍ଲାର ଜ୍ୟୋତିଷ ପଣ୍ଡିତ ମହାସଭାର ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟିର ସିଦ୍ଧାନ୍ତ କ୍ରମେ ପୂର୍ବତନ ପାଟଣା ଷ୍ଟେଟ୍ ତଥା ମହାରାଜାଙ୍କ ଇଷ୍ଟଦେବୀ ଶ୍ରୀ ଶ୍ରୀ ପାଟଣେଶ୍ୱରୀ ଓ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁଯାୟୀ ଚଳିତ ବର୍ଷ ଆସନ୍ତା ଭାଦ୍ରବ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତା୦୧/୦୯/୨୦୨୨ରିଖ ଗୁରୁବାର ବିଶୁଦ୍ଧ ତୁଳା ଲଗ୍ନେ ବୃଷ/ମିଥୁନ ନବାଂଶେ ମାହେନ୍ଦ୍ର ବେଳାରେ ଦିବା ଘ୧୦.୫୪ମି.ରୁ ଘ୧୧.୦୮ମି. ମଧ୍ୟେ ସମଗ୍ର ବଲାଙ୍ଗିର ଜିଲ୍ଲାରେ ନବାନ୍ନ ବିଧି ଅନୁଷ୍ଠିତ ହେବ ।

# ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ସଫଳତା ମିଳିଥାଏ : ପୂର୍ବତନ ସାଂସଦ

ବଲାଙ୍ଗିର,୪/୦୮ (ନି.ପ୍ର): ଆଜି ବଲାଙ୍ଗୀର ସ୍ଥିତ ଜେଏସ୍ଏମ୍ କଲେଜ ଅଫ୍ କମର୍ସ ଠାରେ ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ ଯୋଗ ଦେଇ ଛାତ୍ର ରାଜନୀତି ଶୀର୍ଷକ ବିଷୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ସାଂସଦ ଶ୍ରୀ ସିଂହ ନିଜ ଛାତ୍ର ଜୀବନ ଓ ଏହା ଉପରେ ରାଜନୀତିର ପ୍ରଭାବ ଉପରେ ନିଜର ଅନୁଭୂତି କୁ ବର୍ଣ୍ଣନା କରିଥିଲେ । ରାଜନୀତିରେ ଜାଣତରେ ହେଉ କି ଅଜାଣତରେ ଅନେକ ଶତ୍ରୁ ଓ ଅନେକ ମିତ୍ର ତିଆରି ହୋଇଥାନ୍ତି । ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ଯେକୌଣସି କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ଶ୍ରୀ ସିଂହ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେବା ମନୋଭାବ ନେଇ ଉଚ୍ଚଶିକ୍ଷିତ ମାନେ ରାଜନୀତିକୁ ପ୍ରବେଶ କଲେ ଦେଶ ସବୁ କ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ଶ୍ରୀ ସିଂହ କହିଥିଲେ ।

ଏହି ଅବସରରେ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପାର୍ଲାମେଣ୍ଟ ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ରାଜନୀତି ସଂପର୍କିତ ଅନେକ ପ୍ରଶ୍ନର ଉତ୍ତର ରଖିଥିଲେ ପୂର୍ବତନ ସାଂସଦ ଶ୍ରୀ ସିଂହ । କଲେଜର ପ୍ରତିଷ୍ଠାତା ସିଏ ଶ୍ରୀକାନ୍ତ ସର୍ମା ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କେଲଜର ଅଧାପକ ସୁବ୍ରତ ପଟ୍ଟନାୟକ ଓ ଶିକ୍ଷାବିତ ମନୋରଞ୍ଜନ ସାହୁ ମଂଚାସୀନ ରହି ଦେଶର ଭବିଷ୍ୟତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ । ନିରୋଜ ମିଶ୍ର ସଭାକୁ ସଂଚାଳନ କରିଥିଲେ । କଲେଜର ଛାତ୍ର କ୍ରିସ କେଡିଆ ଓ ଯସ ପାଲ ମଂଚାସୀନ ପୂର୍ବତନ ସାଂସାଦ ଶ୍ରୀ ସିଂହକୁ ରାଜନୀତି ସଂପର୍କିତ କିଛି ପ୍ରଶ୍ନ ପଚାରିଥିଲେ । ଏହି ଆଲୋଚନା ଓ ମତବିନିମୟ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର ,୪/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଙ୍କ ଅଧକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁଯାୟୀ କୋଭିଡ କଟକଣା ପାଳନ ପୂର୍ବକ ଚଳିତ ବର୍ଷ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ସ୍ୱାଧୀନତା ଦିବସର ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ଘଂ୦୬-୦୦ ଂଟା ସମୟରେ ସହର ର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟ ରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ରେ ବରିଷ୍ଠ ଅଧିକାରୀ ଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ସ୍ୱାଧୀନତା ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘଂ୦୯-୧୫ ମିନିଟ ସମୟରେ ସ୍ଥାନୀୟ ରିଜର୍ଭ ପୋଲିସ ଚଳିତ ବର୍ଷ ମଧ କୋଭିଡ ନିୟମ ର ଅନୁପାଳନ ପୂର୍ବକ କେବଳ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବେ । ଚଳିତ ସ୍ୱାଧୀନତା ଦିବସ ସମାରୋହ ପ୍ୟାରେଡ଼ ରେ କୌଣସି ବିଦ୍ୟାଳୟ ଅଥବା ମହାବିଦ୍ୟାଳୟର ପ୍ଲାଟୁନ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଛି । ପ୍ୟାରେଡ଼ ପଡିଆରେ ମଧ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ସେହିପରି ଉତ୍ସବ ସ୍ଥଳକୁ ଜନସାଧାରଣ ଙ୍କ ସମାଗମକୁ ବାରଣ କରାଯାଇଛି । ସ୍ୱାଧୀନତା ଦିବସ ଉତ୍ସବରେ ପ୍ୟାରେଡ଼ କିମ୍ବା ମାର୍ଚ୍ଚପାଷ୍ଟ ହେବ ନାହିଁ । ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ତଥା ପଂଚାୟତ ସ୍ତରରେ ମଧ କୋଭିଡ କଟକଣା ଅନୁପାଳନ ପୂର୍ବକ ସମାରୋହ ଅନୁଷ୍ଠିତ ହେବ । ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ , ଜାତୀୟତା ବୋଧକ ସଙ୍ଗୀତ ଆବୃତି, ପ୍ରବନ୍ଧ, ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ସମ୍ପୃକ୍ତ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ) ଶ୍ରୀମତୀ ନିଶିପୁନମ ମିଞ୍ଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ଉପସ୍ଥାପନ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ସମ୍ବଲପୁର,୪/୦୮ (ନି.ପ୍ର): ଆଜି ମାନେଶ୍ୱର ବ୍ଲକ୍ ପରମାଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ମହାସମାରୋହରେ ବନ ମୋହତ୍ସବ ପାଳିତ ହୋଇ ଯାଇଅଛି । ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଷା ମିଶ୍ରଙ୍କ ଅଧକ୍ଷତାରେ ଚାରାରୋପଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବନାଂଚଳ ଅଧିକାରୀ ପୃଥ୍ୱୀରାଜ୍ ବେହେରା ଯୋଗଦେଇ ଥିଲେ । ଭିଏମ୍ ଦିସି ମେମ୍ବର ପଦ୍ମଲୋଚନ ନାଥ ମୁଖ୍ୟ ବକ୍ତା ଭାବରେ ବୃକ୍ଷରୋପନର ଉପକାରିତା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର ଛୁରିଆ ପରିଚାଳନା ଭାର ତୁଲାଇ ଥିଲେ । ପରମାଣ ପୁର ବନପାଳ ସୁକାନ୍ତ ମହାପାତ୍ର ବୃକ୍ଷରୋପନ୍ର ଦାଇତ୍ୱ ନେଇଥିଲେ ।

# ଅବହେଳିତ ବଳରାମପୁରର ପୁରାତନ ଜଗନ୍ନାଥ ମନ୍ଦିର

ଧର୍ମଶାଳା,୪/୦୮ (ନି.ପ୍ର): ଯାଜପୁର ଜିଲା ପ୍ରାଚୀନ ଓଡିଶାରେ କଳା ଓ ସଂସ୍କୃତି ଏକ ବଡ କେନ୍ଦ୍ରଥିଲା । ଏହି ଜିଲା ପୁରାତନ ସମୃଦ୍ଧ ଓଡିଶାର ଏକ ପ୍ରାଚୀନ ସହର ଓ ରାଜଧାନୀ ରୂପେ ପରିଗଣିତ ଥିଲା । ଏହା ରାଜ୍ୟର ଏକ ତନ୍ତ୍ର ବିଦ୍ୟା ନଗରଭାବେ ଜଣାଯାଏ ।ସମୃଦ୍ଧ ଏବଂ ବିଭିନ୍ନ କଳାର ଗନ୍ତା ଘର ଏହି ଯାଜପୁର ଜିଲା ସଂସ୍କୃତିର ଏକ ପେଣ୍ଠସ୍ଥଳ । ଜିଲାରେ ବସ୍ତୁକଳା,ଚିତ୍ରକଳା,ମୂର୍ତ୍ତି କଳା ଓ ହସ୍ତଶିଳ୍ପର ବହୁଳ ପ୍ରଚାର ହୋଇଥାଏ । ଅନେକ ସାମାଜିକ ଓ ଧାର୍ମୀକ ସଂସ୍କୃତିକ ପର୍ବ ପର୍ବାଣୀର ପାଳନ ସହର ଓ ଜିଲାର ସାଧାରଣ ବିଶେଷତ୍ୱ । ଯାହାକୁ ନେଇ ଗଢି ଉଠିଥିଲା ଅନେକ ମନ୍ଦିର । ଯାଜପୁର ଜିଲାର କୋଣ ଅନୁକୋଣରେ ରହିଛି ପ୍ରାଚିନ ସଂସ୍କତିର ଛାପ । ଐତିହ୍ୟମଣ୍ଡିତ କୀର୍ତ୍ତିସ୍ଥଳ ଉପରେ ପର୍ଯ୍ୟଟନ କ୍ଷେତ୍ର ଶୋଭିତ । ପ୍ରାଚୀନ ଉତ୍କଳର ରାଜଥାନୀ ଥିଲା ଯାଜପୁରର ଗଳିକନ୍ଦିରେ ପୌରାଣିକ ଓ ଐତିହାସିକ କିର୍ତୀରାଜିର ବିଦ୍ୟାମାନ । ଜିଲାରେ ରହିଛି ଅନେକ ଜଗନ୍ନାଥ ମନ୍ଦିର । ତେବେ ଅନେକ ପୁରତାନ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି । ଯାହାକି ଜଗନ୍ନାଥ ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଯାଜପୁର ଜିଲା ଧର୍ମଶାଳା ତହସିଲ ତାଳଜଙ୍ଗ ପଂଚାୟତସ୍ଥ ବଳରାମପୁର ଗଡ । ଏହି ବଳରାମପୁର ଗଡ ବହୁ ଐତିହ୍ୟ ବହନ କରୁଥିବା ପ୍ରାଚୀନ ଜଗନ୍ନାଥ ମନ୍ଦିର ସହ ଭାଙ୍ଗିରୁଜି ଯାଇଥିବା ରାଜପ୍ରସାଦ ଓ ପ୍ରାକୃତିକ ସବୁଜିମା ଭରା ସୁନ୍ଦର ପରିବେଶକୁ ଆହୁରୀ ସୁନ୍ଦର କରି ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ପାଇଁ ଚାଲିଛି ଅଭିଯାନ । ସୁଦୂର ଭୁବନେଶ୍ୱରରୁ ୧୬ ନଂ ଜାତୀୟ ଦେଇ ୬୦ କିଲୋମିଟର ଅତିକ୍ରମ କଲେ ପଡିବ ଚଣ୍ଡିଖୋଲ ଛକ । ଏବଂ ଦୈତାରୀ-ପାରାଦୀପ ୫୩ ନଂ ଜାତୀୟ ରାଜପଥ କବାଟବନ୍ଧ ସେତୁ ଅତିକ୍ରମ କରିବାର ଡାହାଣ ପାର୍ଶ୍ୱରେ ରହିଛି ବଳରାମପୁର ଗଡ । ଏହା ପାହାଡ ଉପରେ ଅବସ୍ଥିତ । ପାହାଡ ପାଦ ଦେଶରୁ ଗାଡି ଏବଂ ଚାଲି ଚାଲି ଯିବାକୁ ପଡେ । ଏହି ପାହାଡ ଉପରେ ରହିଛି ଏକ ପୁରାତନ ଜଗନ୍ନାଥ ମନ୍ଦିର । ପାହାଡ ଉପରେ ଜିଲାର ପ୍ରାୟ ସ୍ଥାନକୁ ଦେଖିବା ସମ୍ଭବ ହୋଇଥାଏ । ଏହାର ମନୋରମ ଦଅଶ୍ୟ ସମସ୍ତଙ୍କୁ ଚକିତ କରିବ । ଏଠାରୁ ସୁଦୁର କଳିଙ୍ଗ ନଗର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିବ । ରାଜସ୍ଥାନର ଯଦୁପୁର ବଂଶର ଅଂଶ । ଦେଢ ହଜାର ବର୍ଷ ପୂର୍ବେ ଅର୍ଥାତ ୫୫୩ ଖୀଷ୍ଟାବ୍ଦରେ ସେମାନେ ଏଠାକୁ ଆସିଥିଲେ । ଯାହାକି ଆରମ୍ଭ ହୋଇଥିଲା ସଂସ୍କୃତିର ନିର୍ମାଣ । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଡ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏହି ମନ୍ଦିର ସାଲ ୧୩୨୨ ସାଲରେ ଆରମ୍ଭ ହୋଇଥିଲା । ଏହା ୧୩୩୦ସାଲ , ବୈଶାଖ ୨୫ ଅକ୍ଷୟ ତୃତୀୟା ଦିନ ଏହାର ପ୍ରତିଷ୍ଠା ହୋଇଥିଲା । ପରେ ଏଠାରେ ବିଭିନ୍ନ ପାର୍ବଣ ସମୟରେ ବହୁ ଆଡମ୍ବରରେ ପର୍ବପର୍ବାଣୀ ପାଳିତ ହୋଇଥାଏ । କିନ୍ତୁ ଏବେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅତି ଦୟନୀୟ ଅବସ୍ଥାରେ ପଡିରହିଛି । ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ଶୁଭ ଦୃଷ୍ଟି ଏହି ପ୍ରାଚିନ ମନ୍ଦିର ଉପରେ ପଡୁନାହିଁ । ତେବେ ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଗଠନ ମିଳିତରେ ଏହାର ରକ୍ଷଣା ବେକ୍ଷଣ ସାଂଗକୁ ପରିବେଶକୁ ଆହୁରୀ ମନୋରମ ନିମନ୍ତେ ଚାରାରୋପଣ କରି ଏହାର ସୌନ୍ଦର୍ଯ୍ୟ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି । ଆଧୁନିକତାର ସ୍ୱର୍ଶରେ ବଦଳୁଛି ଯାଜପୁର ସହର । ଗ୍ରାମ୍ୟ ସଂସ୍କୃତିକୁ ଉଦଜୀବିତ ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ,କଳା,ସଂସ୍କୃତି ଓ ଇତିହାର ବହୁ ମୁଖ ସାଖୀଭାବେ ପରିଗଣିତ ଅନେକ ଐତିହ୍ୟକୁ ଆଗାମୀ ପୀଢିମାନଙ୍କ ପାଇଁ ସେପରି କିଛି ପଦକ୍ଷେପ ନିଆଯାଉନାହିଁ । ତେବେ ଏ ଦିଗରେ ପର୍ଯଟନ ବିଭାଗ,ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ ନଜର ପଡିଲେ ଅନେକ ମନ୍ଦିର ମଠର ପୁନଃରୁଦ୍ଧାର ହୋଇପାରନ୍ତା ବୋଲି ଅଂଚଳବାସୀ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ସମ୍ବଲପୁର,୪/୦୮ (ନି.ପ୍ର): ଚଳିତ ୭୬ ତମ ସ୍ୱାଧୀନତା ଦିବସ ୨୦୨୨ କୁ ଜିଲ୍ଲା ସ୍ତରରେ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସଏସ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଅଜାମ୍ବର ମହାନ୍ତି ଅଧକ୍ଷତା କରିଥିଲେ । ପ୍ରସ୍ତୁତି ବୈଠକରେ ରାଜ୍ୟ ସରକାର ଙ୍କ ସ୍ୱରାଷ୍ଟ ବିଭାଗ ଦ୍ୱାରା ଜାରୀ ହୋଇଥିବା ନିର୍ଦ୍ଦେଶାବଳୀ ଅନୁପାଳନ ପୂର୍ବକ କୋଭିଡ କଟକଣା ଅନୁଯାୟୀ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ଦିବସ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୁନ ପରିକ୍ରମା କରାଯିବ । ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବ । ସକାଳରେ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମାନଙ୍କରେ କୋଭିଡ ଅନୁପାଳନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରାଯିବ । ମୁଖ୍ୟ ଅତିଥିଙ୍କ ଦ୍ୱାରା ସ୍ଥାନୀୟ ନେଲସନ ମଣ୍ଡେଲା ଛକ ସ୍ଥିତ ରାଜ ରାସ୍ତା ରେ ସକାଳ ୯.୧୫ ମିନିଟ ସମୟରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନରେ ପତାକା ଉତ୍ତୋଳନ କରାଯିବ । ଚଳିତ ବର୍ଷ ପ୍ୟାରେଡ କି ମାର୍ଚ୍ଚ ଫାଷ୍ଟ ହେବ ନାହିଁ । ପୋଲିସ ବାହିନୀ ଦ୍ୱାରା ଜାତୀୟ ପତାକାକୁ ସମ୍ମାନ ଓ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣେଇବେ । ସ୍କୁଲ କିମ୍ବା କଲେଜ ତଥା ସାଧାରଣ ଜନତା ଏଥର ସାମିଲ ହେବେ ନାହିଁ । ସୀମିତ ସଂଖ୍ୟକ ଅତିଥିଙ୍କୁ ନିମନ୍ତ୍ରଣ କରାଯିବ । ହାଇସ୍କୁଲ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯିବ । କରୋନା ଯୋଦ୍ଧାଙ୍କୁ ଏହି ଉତ୍ସବକୁ ନିମନ୍ତ୍ରଣ କରାଯିବ । କାର୍ଯ୍ୟକ୍ରମ ସାରିବା ପରେ ଉତ୍ସର୍ଗ ତରଫରୁ ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ବ୍ଲକ ଏବଂ ପଂଚାୟତ ସ୍ତରରେ ମଧ ସ୍ୱରାଷ୍ଟ ବିଭାଗର ନିର୍ଦ୍ଦେଶାବଳୀ ଅନୁପାଳନ ପୂର୍ବକ ସ୍ୱାଧୀନତା ଦିବସ ପାଳନ କରାଯିବ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପିଡିଡିଆରଡିଏ ଦିଲ୍ଲୀପ କୁମାର ବଳ, ଡିଏସପି ଡିଆଇବି ଜେମସ୍ ସମଦ, ଆଞ୍ଚଳିକ ପରିବହନ ଅଧିକାରୀ ରାମ ଦାସ ଟୁଡୁ, ମୁଖ୍ୟ ଯୋଗାଣ ଅଧିକାରୀ ରାମ ଚନ୍ଦ୍ର ଟୁଡୁ, ଏଡିଇଓ ଜୟଶ୍ରୀ ଦୋରା, ଅବକାରୀ ଅଧିକ୍ଷକ ଅଶୋକ କୁମାର ସେଠ, ଏଇଇ, ପିଏଚ ଗୁଲସନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପକ କୁମାର କୁଲୁ, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ବିନୋଦ ଚନ୍ଦ୍ର ପଣ୍ଡା, ଡିଏସପି ଟ୍ରାଫିକ ନରେନ୍ଦ୍ର କୁମାର ଷଡ଼ଙ୍ଗୀ, ଫାୟାର ମେନ ରଘୁମଣୀ କାଲ, ଓଡିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ ମିଶ୍ର, ଉତ୍ସଗ ରୁ ପ୍ରଶାନ୍ତ କୁମାର ପାଟଯୋଶୀ, ରେଡ କ୍ରସ ସମ୍ପାଦକ ଜୟ ଜର୍ଜ, ନିଜାରତ ଅଫିସର ତ୍ରିଦେବ ପ୍ରଧାନ, ଡ଼ିଏସଡବ୍ଲୁ ଗୀତାଞ୍ଜଳି ମହାପାତ୍ର ସମେତ ପ୍ରମୁଖ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପୂର୍ବ ବର୍ଷ ସ୍ୱାଧୀନତା ଦିବସ ପାଳନର ବିବରଣୀ ବୈଠକରେ ଉପସ୍ଥାପନ କରିବା ସହ ବୈଠକରେ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୈତରଣୀ ସମେତ ବିଭିନ୍ନ ନଦୀର ସୁରକ୍ଷା ପାଇଁ ଦାବି କଲା ଭାଜାପା ନଦୀ ସୁରକ୍ଷା ସମିତି

କେନ୍ଦୁଝର ,୪/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟ ଅନ୍ୟାନ୍ୟ ଜିଲ୍ଲାର ପ୍ରଭାବିତ ନଦୀ ନାଳ ଗୁଡିକର ସୁରକ୍ଷା ଦାବୀ ନେଇ ଭାଜାପା ନଦୀ ସୁରକ୍ଷା ସମିତି ର ରାଜ୍ୟ ସଂପାଦକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଜିଲ୍ଲାପାଳ ଙ୍କୁ ଭେଟି ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । କେନ୍ଦୁଝର ଜିଲ୍ଲା ପ୍ରବାହିତ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀ ଗୁଡିକର ତ୍ରୁଟିପୁର୍ଣ୍ଣ ପରିଚାଳନା ପାଇଁ ସେଗୁଡିକ ଆଜି ପ୍ରଦୂଷିତ ଓ ଶୁଷ୍କ ହେବାକୁ ବସିଛି । ବିଭିନ୍ନ କଳ କାରଖାନା ଓ ଶିଳ୍ପ ସଂସ୍ଥା ମାନେ ଯେତିକି ଜଳ ନେବାର ଅନୁମତି ପାଇଛନ୍ତି , ତା ଠାରୁ ଅଧିକ ଜଳ ଶୋଷି ଚାଲିଛନ୍ତି । କେନ୍ଦୁଝର ଜିଲ୍ଲାର ବୈତରଣୀ , କାରୋ , ସୋନା , ଅରଡେଇ ଆଦି ନଦୀ ନାଳରୁ ଏକାଧିକ କମ୍ପାନୀ ନିଜ ନିଜ କଳ କାରଖାନା ପାଇଁ ତଥା ଖଣି ସଂସ୍ଥା ପାଇଁ ବ୍ୟବହାର କରୁଥିବା କାରଣରୁ ସେଗୁଡିକ ଧୀରେ ଧୀରେ ଶୁଷ୍କ ହେବାକୁ ବସିଛି । ଅନୁରୂପ ଭାବେ ଖଣି ଓ କାରଖାନାର ବର୍ଜ୍ୟବସ୍ତୁ ପଡି ଏ ସବୁ ନଦୀ ନାଳର ଜଳ ଜହର ପାଲଟିଥିବା କହିଛନ୍ତି ମହେଶ୍ୱର ସାହୁ । ଆଉ ମଧ୍ୟ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଙ୍କ ବାରଣ ସତ୍ତ୍ୱେ ବର୍ଷା ଦିନେ ନଦୀ ନାଳରୁ ବାଲି ଉଠାଇବା ଏବଂ ଏ ସବୁ ଶାସକ ଦଳର ନେତା , ରାଜସ୍ୱ ବିଭାଗ ଅଧିକାରୀ ସଂପୃକ୍ତିକୁ ନେଇ ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହି କାରଣରୁ ମାଫିଆଙ୍କୁ ନିୟନ୍ତ୍ରଣ କରାଯାଇ ପାରୁ ନଥିବା କହିଛନ୍ତି । ଏଣୁ ନଦୀ ଗୁଡିକ ପ୍ରଦୂଷଣ ମୁକ୍ତ କରି ଜିଲ୍ଲାର ବିକାଶ ଓ ଧନ ଜୀବନର ସୁରକ୍ଷା କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ନଚେତ ନଦୀ ସୁରକ୍ଷା ସମିତି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି । ଏହି ଅବିଯାନରେ ରାଜ୍ୟ ସଂଯୋଜକ , ଭାଜାପା ନଦୀ ସୁରକ୍ଷା ସମିତି ମହେଶ୍ୱର ସାହୁ .ଙ୍କ ସହ ସୁବ୍ରତ ମହାନ୍ତି ଜିଲ୍ଲା ସଂଯୋଜକ , ରାଧାକାନ୍ତ ମହାନ୍ତ , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ , ଧର୍ମେନ୍ଦ୍ର ମହାନ୍ତ , ସାବିତ୍ରୀ ବିଶ୍ୱାଳ , ଅଖିଳ ନାଏକ , ସତ୍ୟବ୍ରତ ନାୟକ , ପାୟଲ , ସଞ୍ଜୟ ମହାନ୍ତି ଆଦି ସାମିଲ ହୋଇଥିଲେ ।

# ମଧ୍ୟପ୍ରଦେଶର ଜବଲପୁର







ପବିତ୍ର ନର୍ମଦା ନଦୀ କୂଳରେ ଅବସ୍ଥିତ ଜବଲପୁର ମଧ ପ୍ରଦେଶର ଏକ ପ୍ରାଚୀନ ଓ ପ୍ରସିଦ୍ଧ ସହର । ଔଦ୍ୟୋଗିକ ସହରର ଭାବରେ ପରିଚିତ ଜବଲପୁରର ସହରର ଆକର୍ଷିତ ଘାଟ, ଝରଣା, ଐତିହାସିକ ଓ ସାଂସ୍କୃତିକ ସଂରଚନାର ଏକ ଉଦାହରଣ । ପର୍ଯ୍ୟଟନ ଦୃଷ୍ଟିରୁ ମଧ ଜବଲପୁର ଏକ ସୁନ୍ଦା ସ୍ଥାନ । ସେଠାରେ ଥିବା ଦର୍ଶନୀୟ ସ୍ଥାନ ମଧ୍ୟରୁ ନର୍ମଦା ନଦୀ ପାର୍ଶ୍ୱସ୍ଥିତ ଶପ୍ତଦଶ ଶତାବ୍ଦୀ ସମୟର କିଲ୍ଲା, ରୂପନାଥ ପାର୍ଶ୍ୱରେ ଥିବା ଭବ୍ୟ ମନ୍ଦିର, ଭେଡାଘାଟ, ଶଙ୍ଖ ମଲମଲର ପଥର ଓ ଧୂଆଁଧାର ଜଳପ୍ରପାତ ଅନ୍ୟତମ । ଜବଲପୁର ସହର ୩୬୭ ବର୍ଗ କି.ମି. କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ । ସେଠାକୁ ଭ୍ରମଣ କରିବାକୁ ଗଲେ କେତେକ ଆକର୍ଷଣୀୟ ସ୍ଥାନ ଭ୍ରମଣ କରିପାରିବେ ।



**ଜବଲପୁର ସହର ୩୬୭ ବର୍ଗ କି.ମି କ୍ଷେତ୍ରଫଳରେ ବ୍ୟାପ୍ତ । ବ୍ରିଟିଶ ବାସ୍ତୁକଳାର ଝଲକ ଜବଲପୁରରେ ଦେଖିବାକୁ ମିଳିଥାଏ । ମଧ ପ୍ରଦେଶର ପ୍ରସିଦ୍ଧ କାହ୍ନା ରାଷ୍ଟ୍ରୀୟ ଉଦ୍ୟାନ ମଧ ଜବଲପୁର ନଗରୀ ପାର୍ଶ୍ୱରେ ଅବସ୍ଥିତ ।**

◆ ଜବଲପୁର ଦେଖିବାଯୋଗ୍ୟ ସ୍ଥାନ ମଧ୍ୟରୁ ଧୂଆଁଧାର ଜଳପ୍ରପାତ ବେଶ୍ ଲୋକପ୍ରିୟ । ଏହି ପ୍ରପାତର ପାଣି ୫୦ ଫୁଟ୍ ଉଚ୍ଚରୁ ପଡୁଥିବାରୁ ପାଣରି ଧୂଆଁ ପରି ଦେଖାଯାଏ । ସେଥିଲାଗି ଏହାକୁ ଧୂଆଁଧାର ଜଳପ୍ରପାତ କୁହାଯାଏ । ଜବଲପୁରଠାରୁ ଏହା ୩୧ କି.ମି ଦୂରରେ ଅବସ୍ଥିତ । ନର୍ମଦା ନଦୀରେ ଏହି ଜଳପ୍ରପାତ ସୃଷ୍ଟି ହୋଇଛି ।

◆ ଜବଲପୁରର ଭେଡାଘାଟ ନୌକାବିହାର ପାଇଁ ଉପଯୁକ୍ତ । ପଞ୍ଚବଟୀ ଘାଟରୁ ଭେଡାଘାଟ ପର୍ଯ୍ୟନ୍ତ ପାଖାପାଖି ୨୨ କି.ମି ଜଳମାର୍ଗରେ ସକାଳ ୭ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ମୋଟର ବୋଟ ସବାରୀର ମଜା ଉଠାଇପାରିବେ । ପିଲା ଓ ଯୁବକମାନଙ୍କ ପାଇଁ ୱାର୍ଲଡ ୱାଟର ପାର୍କ ଏକ ଆକର୍ଷଣୀୟ ସ୍ଥାନ । ଏହି ୱାଟର ପାର୍କ ଦି'ପହରଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରହେ ।

◆ ଜବଲପୁରଠାରୁ ୨୫ କି.ମି ଦୂରତା ନର୍ମଦା ନଦୀ କୂଳରେ ଅବସ୍ଥିତ ଭେଡାଘାଟ ମାର୍ବଲ ରକ୍ସ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଅନ୍ୟତମ । ଶଙ୍ଖ ମଲମଲର ଏହି ପଥରଗୁଡ଼ିକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି । ୧୦୦ ଫୁଟ ଉଚ୍ଚରେ ଅବସ୍ଥିତ ଓ ୨୫ କି.ମି ଦୂର ପର୍ଯ୍ୟନ୍ତ ବ୍ୟାପ୍ତ ଏହି ପଥରଗୁଡ଼ିକରେ ସୂର୍ଯ୍ୟଙ୍କ କିରଣ ପଡ଼ି ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଏ ।

◆ ମଦନ ମହଲ କିଲ୍ଲା ଏକ କାହାଡ଼ର ଶୀର୍ଷରେ ଅବସ୍ଥିତ ଏହି ସୁନ୍ଦର କିଲ୍ଲାକୁ ଗୋଣ୍ଡ ଶାସକ ରାଜା ମଦନ ଶାହା ୧୧୧୬ରେ ନିର୍ମାଣ କରିଥିଲେ । ଏହି କିଲ୍ଲାର ଚତୁଃପାର୍ଶ୍ୱରୁ ଜବଲପୁର ସହରର ଦୃଶ୍ୟ ଦେଖିବାକୁ ମିଳିଥାଏ ।

◆ ଜବଲପୁର ସହରର ଭୀମ ନଗରସ୍ଥିତ ଟ୍ରେଜର ଆଇଲାଣ୍ଡ ମଲ୍ ସହରର ସବୁଠାରୁ ପ୍ରସିଦ୍ଧ ମଲ୍ । ମାର୍କେଟିଂ ପାଇଁ ତାହା ଉପଯୁକ୍ତ ସ୍ଥାନ ।

◆ ଭେଡାଘାଟର ଗୋଟେ ପାର୍ଶ୍ୱରୁ ଅନ୍ୟ ଗୋଟେ ପାର୍ଶ୍ୱକୁ ଯିବା ପାଇଁ ହେଲେ କେବୁଲ କାର୍ ରାଇଡ୍‌ର ମଜା ପର୍ଯ୍ୟଟକମାନେ ଉଠାଇ ପାରିବେ ।

◆ ଡୁମନା ନେଚର ରିଜର୍ଭ ପାର୍କ ଏକ ଲୋକପ୍ରିୟ ଇକୋ-ଟୁରିଜ୍ମ ସାଇଟ୍ । ପାର୍କଟିରେ ସମୃଦ୍ଧ ବନସ୍ପତି, ବିଭିନ୍ନ ପ୍ରକାରର ଜୀବ ଓ ଏଭିଏନ ପ୍ରଜାତି ରହିଥିବାର ଦେଖାଯାଏ । ମାଛ ଧରିବା, ସୁଇମିଂ, ଟୟ ଟ୍ରେନ ସବାରୀ ଇତ୍ୟାଦିର ମଜା ଉଠାଇ ପାରିବେ । ଏହା ବ୍ୟତୀତ ତିଲୱାରା ଘାଟ, ଉବରତାଲା, ଗାର୍ଡେନ, କଙ୍କାଳୀ ଦେବୀ ମନ୍ଦିର ସଂଗ୍ରାମ ସାଗର ହ୍ରଦ, ଶ୍ରୀ ବିଷ୍ଣୁ ବରାହ ମନ୍ଦିର, ଗ୍ୱାରୀ ଘାଟ ଇତ୍ୟାଦି ବୁଲି ଦେଖିପାରିବେ ।

◆ ଅଦ୍ଭୁତ ବାଲାନ୍‌ସିଙ୍ଗ ରକ୍ ମଧ ଏକ ଦର୍ଶନୀୟ ସ୍ଥାନ । ସ୍ଥାନୀୟ ଲୋକଙ୍କ ଅନୁସାରେ କୌଣସି ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ହେଲେ ମଧ ଏହି ପଥରର ସନ୍ତୁଳନ ସେହିପରି ଥାଏ । ପୂର୍ବରୁ ପ୍ରଚଣ୍ଡ ଭୂମିକମ୍ପ ହୋଇଥିଲେ ମଧ ଏହି ପଥର ନିଜର ସନ୍ତୁଳନ ବଜାୟ ରଖିବାର ଶୁଣିବାକୁ ମିଳେ ।

◆ ଚୌଷଠି ଯୋଗିନୀ ମନ୍ଦିର ଜବଲପୁରରୁ ମାତ୍ର ଏକ ଘଣ୍ଟାର ରାସ୍ତା । ଏହା ଭେଡାଘାଟ ପାର୍ଶ୍ୱରେ ଅବସ୍ଥିତ । ଦଶମ ଶତାବ୍ଦୀ ସମୟରେ ନିର୍ମିତ ଏହି ମନ୍ଦିରର ନିର୍ମାଣଣ ପ୍ରସିଦ୍ଧ କଲଚୁରୀ ରାଜବଂଶଙ୍କ ଅନୁସାରେ କରାଯାଇଛି । ୧୫୦ଟି ଶିଡ଼ି ଥିବା ଏହି ମନ୍ଦିରରେ ଭଗବାନ ଭୋଳାନାଥ



ଓ ମାତା ଗୌରୀଙ୍କର ମୂର୍ତ୍ତି ଓ ନନ୍ଦୀଶ୍ୱର ମହାରାଜଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି ।

◆ ନର୍ମଦା ନଦୀରେ ନିର୍ମିତ ବରଗୀ ଡ୍ୟାମରର ଉପଯୋଗ ବିଜୁଳି ଉତ୍ପାଦନ ଓ ସିଞ୍ଚନ ପରିଯୋଜନା ପାଇଁ କରାଯାଇଛି । ଏହା ବ୍ୟତୀତ ପର୍ଯ୍ୟଟନ ପାଇଁ ମଧ ଏହି ବନ୍ଧ ଆକର୍ଷଣୀୟ । ନୌକା ସବାରୀ ମଧ କରାଯିବାର ସେଠାରେ ଦେଖାଯାଏ ।

◆ ଜବଲପୁର ଯାଇଥିବା ପର୍ଯ୍ୟଟକମାନଙ୍କୁ ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ବିଶେଷ ଭାବରେ ଆକର୍ଷିତ କରିଥାଏ ଯେଞ୍ଚଉଁଠାରେ ମହାତ୍ମା ଗାନ୍ଧିଙ୍କର କିଛି ଫଟୋ ଓ ଚୌଷଠି ଯୋଗିନୀ ମନ୍ଦିରର ମୂର୍ତ୍ତି ରଖାଯାଇଛି । ରାଣୀ ଦୁର୍ଗାବତୀ ସଂଗ୍ରହାଳୟ ରସେଲ ଚୌକ ପାର୍ଶ୍ୱରେ ଅବସ୍ଥିତ । ସେଠାରେ ଆଦିବାସୀ ସଂସ୍କୃତି ଓ କଳାକୃତିର ଝଲକ ମଧ ଦେଖିବାକୁ ମିଳେ ।

### କେବେ ଯିବେ:

ସେପ୍ଟେମ୍ବରଠାରୁ ଫେବୃଆରୀ ଜବଲପୁର ଯିବା ପାଇଁ ଉପଯୁକ୍ତ ସମୟ । ସେଠାରେ ଏହି ସମୟ ମଧ୍ୟରେ ୮ ଡିଗ୍ରୀ ସେଲ୍‌ସିୟସରୁ ୨୭ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ଥାଏ । ଧୂଆଁଧାର ଜଳପ୍ରପାତକୁ ଦେଖିବା ପାଇଁ ବର୍ଷାଦିନେ ବହୁତ ପର୍ଯ୍ୟଟକ ମଧ ଯାଇଥାଆନ୍ତି ।

### କିପରି ଯିବେ:

ଜବଲପୁର ସହରଠାରୁ ୨୦ କି.ମି ଦୂରରରେ ଅବସ୍ଥିତ ଡମନା ବିମାନ ବନ୍ଦର ଦେଶର ପ୍ରମୁଖ ସହରଗୁଡ଼ିକ ଯୋଡ଼ି ହୋଇ ରହିଛି । ସେଠାରେ ପହଞ୍ଚିଲେ ଟ୍ୟାକ୍ସି ଦ୍ୱାରା ସହରରକୁ ଯାଇପାରିବେ । ଜବଲପୁର ରେଲୱେ ଷ୍ଟେସନ ମୁମ୍ବାଇ-ହାୱଡ଼ା ଭାୟା ଆହ୍ଲାବାଦ ମୁଖ୍ୟ ରେଲୱେ ଲାଇନରେ ଅବସ୍ଥିତ । ଦେଶର ପ୍ରମୁଖ ସହରଗୁଡ଼ିକ ସହିତ ଏହାର ସମ୍ପର୍କ ଥିବାରୁ ଯାତାୟତରେ କୌଣସି ଅସୁବିଧା ହେବ ନାହିଁ । ଭାରତର ପ୍ରମୁଖ ସହର- ନାଗପୁର, ଇନ୍ଦୋର, ଔରଙ୍ଗାବାଦ, ଭୋପାଳ, ପୁନେ, ବାନ୍ଧବଗଡ଼, ସହିତ ସଡ଼କ ମାର୍ଗଦ୍ୱାରା ଜବଲପୁର ଯୋଡ଼ି ହୋଇ ରହିଛି ।

## ଚିକେନ୍ ନୀଲ୍‌ଗିରି

**ଆବଶ୍ୟକ ସାମଗ୍ରୀ:**
ଚାରିବିଡ଼ା ପାଳଙ୍ଗ ସାଗ, ୨ ବିଡ଼ା ଧନିଆ ପତ୍ର, ପାଞ୍ଚଶହ ଗ୍ରାମ ଚିକେନ୍, ୨ଟି ବଡ଼ ପିଆଜ, ଅଳ୍ପ ଗୋଟା ଗରମ ମସଲା, ଦୁଇଟି ତେଜପତ, ଦୁଇ ଛୋଟ ଚାମଚ ରସୁଣ ବଟା, ଏକ ଛୋଟ ଚାମଚ ଲେଖାଏଁ ବଟା ଅଦା, ଗୁଣ୍ଡ ଲଙ୍କା, ଗୁଣ୍ଡ ହଳଦୀ ଓ ଗୁଣ୍ଡ ଗରମ ମସଲା, ଅଧା କପ୍ ଦହି, ୪ ବଡ଼ ଚାମଚ ସୋରିଷ ତେଲ, ୨ ଛୋଟ ଚାଚମ ଲହୁଣୀ । ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ:**
ପାଳଙ୍ଗ ଶାଗକୁ ଧୋଇ କଡ଼େଇରେର ଅଧାକନ୍ ପାଣି, ଅଧା ଚାମଚ ଚିନି ଓ ସ୍ୱାଦ ଅନୁସାରେ ଲୁଣ ପକାଇ ସିଝାଇ ରଖନ୍ତୁ । ଶାଗ ଥଣ୍ଡା ହୋଇଗଲେ ଧନିଆ ପତରକୁ ଧୋଇ ଶାଗ ସହିତ ମିଶାଇ ଏକାଠି ବାଟି



ରଖନ୍ତୁ । ଚିକେନ୍‌କୁ ଧୋଇ ସ୍ୱାଦ ଅନୁସାରେ ଲୁଣ, ଗୁଣ୍ଡ ହଳଦୀ, ଦହି ଓ ସୋରିଷ ତେଲ ଗୋଳାଇ ଅଧଘଣ୍ଟା ରଖନ୍ତୁ । ପିଆଜକୁ ବାଟି ରଖନ୍ତୁ । ପ୍ୟାନ୍‌ରେ ତେଲ ଗରମ କରି ତେଜପତ୍ର ଓ ଗୋଟା ଗରମ ମସଲା ପକାନ୍ତୁ । ଏଥିରେ ଅଦା ଓ ରସୁଣ ବଟା ପକାଇ ଅଳ୍ପ ସମୟ ମସଲାକୁ ଭାଜନ୍ତୁ । ବର୍ତ୍ତମାନ ବଟା ପିଆଜ, ଗୁଣ୍ଡ ହଳଦୀ, ଗୁଣ୍ଡ ଲଙ୍କା ପକାଇ ମସଲାରୁ ପାଣି ଶୁଖି ତେଲ ଉପରକୁ ଉଠିବା ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ପୂର୍ବରୁ ଗୋଳାଇ ରଖିଥିବା ଚିକେନ୍‌କୁ ପକାଇ ପାଣି ଶୁଖିବା ପର୍ଯ୍ୟନ୍ତ ଧିମା ଆଞ୍ଚରେ ଭାଜନ୍ତୁ । ବଟା ପାଳଙ୍ଗ ଶାଗକୁ ଏଥିରେ ପକାଇ ଭଲ ଭାବରେ ଗୋଳାନ୍ତୁ । ଧିମା ଆଞ୍ଚରେ ୫/୧୦ ମିନିଟ୍ ଚିକେନ୍ ସିଝିବା ପର୍ଯ୍ୟନ୍ତ ରାନ୍ଧନ୍ତୁ । ଚିକେନ୍ ସିଝି ଝୋଳ ବହଳିଆ ହୋଇ ଆସିଲେ ଗୁଣ୍ଡ ଗରମ ମସଲା ଓ ଲହୁଣୀ ପକାଇ ଚୁଲୀରୁ ଓହ୍ଲାନ୍ତୁ ଓ ଗରମ ଗରମ ପରିବେଷଣ କରନ୍ତୁ ।

## ସ୍ୱାସ୍ଥ୍ୟ ପାଇଁ ବାସ୍ତୁ

ମଣିଷ ପାଇଁ ଧନସମ୍ପଦ ଯେମିତି ମୂଲ୍ୟବାନ ସ୍ୱାସ୍ଥ୍ୟ ବି ସେମିତି ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ନଦେଲେ ଯେତେ ଧନସମ୍ପଦ ରୋଜଗାର କଲେ କ'ଣ ହେବ । ସେଥିପାଇଁ ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଦରକାର ବୋଲି ଜାଣିଲେ ବି ଅଧିକାଂଶ ଲୋକ କିନ୍ତୁ ଏହାକୁ ଖାମଖିଆଲ ଭାବରେ ନେଇଥାନ୍ତି । ରୋଗ ହେଲେ ଡାକ୍ତର ଦେଖାଇବାର ମାନସିକତା ଲୋକଙ୍କୁ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ କରାଇ ପାରୁନାହିଁ । ଏଣୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ବାସ୍ତୁର ମଧ୍ୟ ପ୍ରମୁଖ ଭୂମିକା ରହିଛି । ଏଣୁ ବାସ୍ତୁଶାସ୍ତ୍ରରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦେଲେ ହୁଏତ କିଛି ଅସୁବିଧା ଦେଖାଦେଇ ନପାରେ ।

- ଉତ୍ତମ ନିଦ ପାଇଁ ଦକ୍ଷିଣମୁହାଁ ହୋଇ ଶୋଇବା ଆବଶ୍ୟକ ।
- ଘରର ମଧ୍ୟଭାଗ ବା ବଙ୍ଗଳାରେ ଏତେ ଆସବାବପତ୍ର ରଖନ୍ତୁ ନାହିଁ ଯେ ମୁକ୍ତବାୟୁ ଚଳାଚଳରେ ଯେମିତି ବାଧାପ୍ରାପ୍ତ ହେବ । ଘରେ ମୁକ୍ତବାୟୁ ଚଳାଚଳ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇବ ।
- ରୋଷେଇଘର ଓ ପାଇଖାନାର ଦ୍ୱାର ମୁହାଁମୁହିଁ ହେବା ଉଚିତ ନୁହେଁ । ଯଦି ଏପରି ରହିଛି ତା' ହେଲେ ଯେକୌଣସି ଦ୍ୱାରକୁ ସବୁବେଳେ ବନ୍ଦ ରଖିବା ଦରକାର ।
- ଯଦି କେହି ଘରେ ଅସୁସ୍ଥ ଅଛନ୍ତି, ଦୀପଟିଏ ଜଳାଇ ରଖନ୍ତୁ, ତା' ହେଲେ ସେ ଶୀଘ୍ର ସୁସ୍ଥ ହୋଇଯିବେ ।
- ଘର ଭିତରେ ଯେତେବେଳେ ପାଣି ପିଉଛନ୍ତି, ତା' ହେଲେ ଉତ୍ତର-ପୂର୍ବ ମୁହାଁ ହୋଇ ପାଣି ପୁଅନ୍ତୁ । ସ୍ୱାସ୍ଥ୍ୟ ଭଲ ରହିବ ।

## ଘରେ ଖୁସି ଭରିଦିଏ ହାତୀର ପେଣ୍ଟିଂ, ଜାଣନ୍ତୁ କେଉଁଠି ରଖିଲେ ପାଇବେ ଶୁଭ ଫଳ

ହିନ୍ଦୁ ଧର୍ମରେ ହାତୀକୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଇଥାଏ । ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ଧନର ଦେବୀ ଲକ୍ଷ୍ମୀଙ୍କ ୨ ପାର୍ଶ୍ୱରେ ହାତୀ ଦଣ୍ଡାୟମାନ ରହିଥିବାରୁ ଏହି ଜୀବକୁ ଖୁବ୍ ଶୁଭ ବୋଲି ବିବେଚନା କରାଯାଇଥାଏ । ଏହାସହ ହାତୀକୁ ଶକ୍ତି, ସୌଭାଗ୍ୟ ଓ ବୁଦ୍ଧିମତାର ପ୍ରତୀକ ବୋଲି ବି ବିବେଚନା କରାଯାଇଥାଏ ।

ଘରର ମୁଖ୍ୟ ଗେଟ୍‌ର ଉଭୟ ପାର୍ଶ୍ୱରେ ୨ଟି ହାତୀ ରଖିବାକୁ ଶୁଭ ବିବେଚନା କରାଯାଇଥାଏ । ହାତୀର ଶୁଣ୍ଢ ଘର ଭିତରକୁ ମୁହଁ କରିଥିଲେ ଆପଣଙ୍କ ଜୀବନ ହସଖୁସିରେ ଭରିଯାଏ । ଏହାବାଦ ଯଦି ହାତୀ ଶୁଣ୍ଢ ବାହାରକୁ ହୋଇଥାଏ, ତାହା ଆପଣଙ୍କ ଘରକୁ ମନ୍ଦ ଏବଂ ନକାରାତ୍ମକ ଶକ୍ତିରୁ ରକ୍ଷା କରିବାରେ ସଫଳ ହୋଇଥାଏ ।ଉପରକୁ ଶୁଣ୍ଢ କରିଥିବା ହାତୀକୁ ଘରର ମୁଖ୍ୟ ଦ୍ୱାରରେ ରଖିବା ଦ୍ୱାରା ପରିବାରର ସୁଖ, ସମୃଦ୍ଧି, ସଫଳତା, ସୌଭାଗ୍ୟ ଆଦି ବୃଦ୍ଧି ପାଇଥାଏ । ତଳ ଆଡ଼କୁ ଶୁଣ୍ଢ କରିଥିବା ହାତୀକୁ ଗେଟ୍ ସମ୍ମୁଖରେ ରଖି ଦୀର୍ଘାୟୁର ପ୍ରତୀକ ବୋଲି ବିବେଚନା କରାଯାଇଥାଏ । ବାସ୍ତୁଶାସ୍ତ୍ର ଅନୁଯାୟୀ, ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ହାତୀମାନଙ୍କର ଚିତ୍ରକୁ ଶୋଇବା ଘରେ ରଖିବା ଉଚିତ୍ । ଆପଣ ହାତୀ, ପେଣ୍ଟିଂ କିମ୍ବା କୁଶନ କଭରର ଯୋଡି ମୂର୍ତ୍ତି ମଧ ରଖିପାରିବେ । ଯଶ ଓ କିର୍ତ୍ତୀ ପାଇଁ ଲାଲ ହାତୀକୁ ବାସ୍ତୁ ଅନୁଯାୟୀ ଉତ୍ତର ଦିଗରେ ରଖିବା ଦ୍ୱାରା ସମାଜରେ ମାନ-ସମ୍ମାନ ଯଶ ଆଦି ବଢ଼ିଥାଏ । ବ୍ୟବସାୟରେ ଲାଭ ପାଇଁ ଚାନ୍ଦୀର ହାତୀ ଘରେ ରଖନ୍ତୁ । ଅଧ୍ୟୟନ କକ୍ଷ କିମ୍ବା କାର୍ଯ୍ୟାଳୟରେ ହାତୀର ଚିତ୍ର ରଖିବା ମଧ ଶୁଭ ବୋଲି ବିବେଚନା କରାଯାଏ । ଯଦି ଆପଣ ପିଲାମାନଙ୍କ କୋଠରୀରେ ଏକ ପେଣ୍ଟିଂ ରଖିବାକୁ ଚାହୁଁଛନ୍ତି, ତେବେ ମହିଳା ହାତୀ ଏବଂ ତାଙ୍କ ପିଲାଙ୍କ ସହିତ ଏକ ଫଟୋ ରଖନ୍ତୁ ।



ଫେଙ୍ଗ୍ ଶୁଇ ଅନୁଯାୟୀ, ପିଲାଙ୍କ ଏକାଗ୍ରତା ବଢ଼ାଇବା ପାଇଁ ଆପଣ ସେମାନଙ୍କ ରୁମ୍ ?ରେ ଏହାର ପେଣ୍ଟିଂ ବା ଖେଳନା ରଖିପାରିବେ । ଯଦି ସମ୍ଭବ, ଆପଣ ଏହାକୁ ପିଲାଙ୍କ ଷ୍ଟଡି ଟେବୁଲ ଉପରେ ଖେଳନା ଭାବରେ ରଖିପାରିବେ ।

## ଏମିତି ସଜାନ୍ତୁ ବାଥରୁମ୍

**ଆପଣ ପ୍ରାୟ ସମୟରେ ବେଡରୁମ୍, ଲିଭିଙ୍ଗ୍ ରୁମ୍‌ର ମେକଓଭର୍ କରିଥାନ୍ତି । କିନ୍ତୁ ବାଥରୁମ୍‌କୁ ଭୁଲି ଯାଆନ୍ତି । ବେଡରୁମ୍ ପରି ବାଥରୁମ୍‌ର ମଧ ମେକଓଭର୍ ଜରୁରି । ବାଥରୁମ୍‌କୁ କମ୍ ଖର୍ଚ୍ଚରେ କିପରି ସଜାଇ ହେବ ନିଅନ୍ତୁ କିଛି ଟିପ୍ସ ।**





**କଣ୍ଟେନର୍ସ:**
ବାଥରୁମ୍‌ରେ ସାବୁନ, ସାମ୍ପୋ, ସାୱାର ଜେଲ୍, ବାଥ୍ ଅଏଲ୍ ଆଦି ନିଶ୍ଚୟ ରଖୁଥିବେ । ତେବେ ବାଥରୁମ୍‌ର ଗୋଟିଏ କୋଣରେ ପଡ଼ି ରହୁଥିବ । ବାଥ୍‌ରୁମ୍‌କୁ ରଙ୍ଗୀନ ବନାଇବା ପାଇଁ ଏସବୁ ଜିନିଷର ବ୍ୟବହାର କରିପାରିବେ । ଏସବୁ ଜିନିଷକୁ ରଙ୍ଗୀନ କଣ୍ଟେନର୍ସରେ ରଖନ୍ତୁ ଏବଂ ବାଥରୁମ୍‌କୁ ନୂଆ ରୂପ ଦିଅନ୍ତୁ ।

**ୱାଟର୍ ଫାଉଣ୍ଟେନ:**
ଆପଣଙ୍କ ବାଥରୁମ୍ ବଡ଼ । କିନ୍ତୁ ତାହାକୁ କିପରି ସଜାଇବେ ଜାଣିପାରନ୍ତି ନାହିଁ । ଜିନିଷପତ୍ର ଅଦଳବଦଳ କରିବା ଆଦୌ ଦରକାର ନାହିଁ । ସବୁଠୁ ସହଜ ଉପାୟ ହେଉଛି ସେଥିରେ କିଛି ଜିନିଷ ନୂଆ କରି ଯୋଗ କରନ୍ତୁ । ଯେମିତିକି ୱାଟର ଫାଉଣ୍ଟେନ । ବାଥରୁମ୍‌ର ମଝିରେ ବା କୋଣରେ ଗୋଟିଏ ଛୋଟ ୱାଟର ଫାଉଣ୍ଟେନ ସ୍ଥାନ ଦିଅନ୍ତୁ ।

**ସେଲ୍ସ ରଙ୍ଗୀନ୍ ପେବଲ୍ସ:**
ବାଥରୁମ୍‌ରେ ସେଲ୍ସ ଏବଂ ପେବଲ୍ସ ଥିଲେ ତାହା ସ୍ପା ରୁମ୍ ପରି ଦେଖାଯାଇଥାଏ । ବାଥରୁମ୍‌ର ସେଲ୍ସ ଉପରେ ରଙ୍ଗୀନ୍ ପେବଲ୍ସ ବିଛାଇ ରଖନ୍ତୁ । ଏହାର ଆଖାପାଖରେ ସୁଗନ୍ଧିତ କ୍ୟାଣ୍ଡେଲକୁ ସ୍ଥାନ ଦେଇପାରିବେ । ଫୁଲରେ ମଧ ସଜାଇପାରିବେ । ଦେଖିବେ ଆପଣଙ୍କ ବାଥରୁମ୍ ସ୍ପା ରୁମ୍ ପରି ମନେ ହେବ ।

**ଫୁଲ:**
ବାଥରୁମ୍ ସଜାଇବାରେ ଫୁଲର ବ୍ୟବସ୍ଥା କରନ୍ତୁ । ଏହା ବାଥରୁମ୍‌କୁ ନୂଆ ଲୁକ୍ ଦେଇଥାଏ । କୌଣସି ପାତ୍ରରେ ପାଣି ଭର୍ତ୍ତି କରି ଏଥିରେ ଫୁଲଗୁଡ଼ିକୁ ଭସାଇ ଦିଅନ୍ତୁ । ନଚେତ୍ ଫୁଲର ପାଖୁନାକୁ ମଧ ଚଟାଣରେ ବିଛାଇ ସଜାଇ ପାରିବେ । ଛୋଟ ଛୋଟ ଇନଡୋର୍ ଗଛକୁ ବାଥରୁମ୍‌ରେ ରଖିପାରିବେ ।

**ସୁଗନ୍ଧିତ ତୈଳ:**
ସୁଗନ୍ଧିତ ତୈଳ ଏବଂ ଆରୋମା ଡିଫ୍ୟୁଜର୍ସ ବର୍ଷାଦିନ ପାଇଁ ଭଲ । ବାଥରୁମ୍‌ର ଦୁର୍ଗନ୍ଧ ଦୂର କରିବାରେ ସାହାଯ୍ୟ କରେ । ସବୁଥର କିଛି ନୂଆ ନୂଆ ସୁଗନ୍ଧି ବାଥରୁମ୍ ପାଇଁ ବ୍ୟବହାର କରନ୍ତୁ । ବାଥରୁମ୍‌ର ପରିବେଶ ପ୍ରତି ଥର ବଦଳିବାର ଅନୁଭବ ହେବ ।

# ଅନନ୍ୟାଙ୍କୁ ବିବାହ କରିବେ ଆଦିତ୍ୟ ! ଚାଲିଛି ପ୍ଲାନିଂ



ପୁଣି ଆଉ ଏକ ବଲିଉଡ ଯୋଡିଙ୍କ ପଡିବ ହାତଗଣ୍ଠି । ହାତକୁ ଦି ହାତ ହେବେ ଅଭିନେତା ଆଦିତ୍ୟ ରୟ କପୁର ଓ ଅନନ୍ୟା ପାଣ୍ଡେ । ଏଥିପାଇଁ ଜୋରସୋରରେ ଚାଲିଛି ୱେଡିଂ ପ୍ଲାନିଂ । ଏକଥା ଆମେ କହୁନୁ ଖୋଦ୍ ଅଭିନେତା ଆଦିତ୍ୟ ରୟ କପୁର ଓ ଅନନ୍ୟା ପାଣ୍ଡେ ଏନେଇ ହିଣ୍ଟ ଦେଇଛନ୍ତି । ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିଜ ଲଭ୍ ଲାଇଫ୍‌କୁ ନେଇ ଏବେ ଚର୍ଚ୍ଚାରେ ଅଛନ୍ତି । ସେ କୁଆଡେ ଆଦିତ୍ୟ ରୟ କପୁରଙ୍କୁ ଡେଟ୍ ? କରୁଥିବା ଶୁଣିବାକୁ ମିଳିଛି । ଫିଲ୍ମ ନିର୍ମାତା କରଣ ଜୋହରନିଜ ଚାଟ୍ ଶୋ' କଫି ୱିଥ୍ କରଣରେ ଅନନ୍ୟା ଓ ଆଦିତ୍ୟ ପରସ୍ପରକୁ ଡେଟ୍ କରୁଥିବା ନେଇ ହିଣ୍ଟ ଦେଇଛନ୍ତି । ଏହି ଶୋ'ରେ ଯୋଗ ଦେଇ ଅନନ୍ୟା କହିଥିଲେ ଯେ ତାଙ୍କୁ ଆଦିତ୍ୟ ହଟ୍ ଲାଗନ୍ତି । ବର୍ତ୍ତମାନ ଆଦିତ୍ୟ ରୟ କପୁର ନିଜ ବିବାହକୁ ନେଇ ମୁହଁ ଖୋଲିଛନ୍ତି । ସେ ତାଙ୍କ ବିବାହ ପ୍ଲାନିଂ ବିଷୟରେ ଖୁଲାସା କରିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ନିଜ ୱେଡିଂ ପ୍ଲାନ୍ ବିଷୟରେ କହିଛନ୍ତି ଆଦିତ୍ୟ ରୟ କପୁର । ବିବାହ ପ୍ରଶ୍ନରେ ଆଦିତ୍ୟ କହିଛନ୍ତି, 'ମୁଁ ବିବାହରେ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରେ । ମୁଁ ପ୍ରତ୍ୟେକ ଦିନକୁ ସମାନ ପରି ଦେଖେ । ତେଣୁ ଯଦି ବିବାହ କରିବାକୁ ପଡେ, ତେବେ ନିଶ୍ଚୟ କରିବି । ମୁଁ ଏପର୍ଯ୍ୟନ୍ତ କୌଣସି ପ୍ଲାନିଂ କରିନାହିଁ ।' ଆଦିତ୍ୟ ତାଙ୍କ ପରିବାର ସହ ସମୟ ବିତାଇବା ପାଇଁ ଅଧିକ ପସନ୍ଦ କରନ୍ତି । ପରିବାର ସହ ସମୟ ବିତାଇବା, ଗିଟାର ବଜାଇବା, ଖେଳକୁଦ ଓ ଟ୍ରାଭେଲ କରିବା ତାଙ୍କୁ ଶାନ୍ତି ଦେଇଥାଏ । ଏହା ଦ୍ୱାରା ମନ ରିଫ୍ରେଶ ହୋଇଯାଏ ବୋଲି କହିଛନ୍ତି ଆଦିତ୍ୟ । ଆଦିତ୍ୟ ରୟ କପୁର ଓ ଅନନ୍ୟା ପାଣ୍ଡେ ଅଫିସିଆଲ ରୂପେ ନିଜ ସମ୍ପର୍କକୁ ସ୍ୱୀକାର କରିନାହାନ୍ତି । କିନ୍ତୁ ଉଭୟଙ୍କ ପ୍ରେମ ସମ୍ପର୍କ ଓ ପରସ୍ପରକୁ ଡେଟିଂକୁ କରୁଥିବା ନେଇ ଏବେ ବି-ଟାଉନରେ ଚର୍ଚ୍ଚା ହେଉଛି । କରଣଙ୍କ ଶୋ'ରେ ଆଦିତ୍ୟଙ୍କ ନାଁ ନେବାରୁ ଅନନ୍ୟା ବ୍ଲଶ୍ କରିବା ସହ ଲାଜେଇ ଯାଇଥିବା ନଜର ଆସିଥିଲେ । ବର୍ତ୍ତମାନ ପ୍ରଶଂସକମାନେ ଚାହୁଁଛନ୍ତି ଯେ ଉଭୟ ନିଜ ସମ୍ପର୍କକୁ ନେଇ ସ୍ପଷ୍ଟ କରନ୍ତୁ ଏବଂ ସର୍ବଦା ପରସ୍ପର ସହିତ ରୁହନ୍ତୁ । ସୂଚନା ଯୋଗ୍ୟ, ଆଗକୁ ଅନନ୍ୟାଙ୍କ ଫିଲ୍ମ 'ଲାଇଗର' ଆସୁଛି । ଏହି ଫିଲ୍ମରେ ସାଉଥ ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କ ଅପୋଜିଟ୍‌ରେ ଅଛନ୍ତି ଅନନ୍ୟା ପାଣ୍ଡେ । ଫିଲ୍ମ ନିର୍ମାତା କରଣ ଜୋହରଙ୍କ ପ୍ରଡକ୍ସନରେ ଏହି ଫିଲ୍ମଟି ତିଆରି ହୋଇଛି । ଆସନ୍ତା ଅଗଷ୍ଟ ୨୫ ତାରିଖରେ ଫିଲ୍ମଟି ପରଦାକୁ ଆସିବ ।

# ଅକ୍ଷୟ, ଆମୀର ପରେ ଏବେ ଆଲିଆଙ୍କ ପାଳି, ଉଠିଲା ବୟକଟ୍ ଦାବି



ଏବେ ବି-ଟାଉନରେ ଚାଲିଛି ବୟକଟ୍ ଟ୍ରେଣ୍ଡ । ଲୋକଙ୍କୁ ଆଉ ପସନ୍ଦ ଆସୁନି ବଲିଉଡ ଫିଲ୍ମ । ଅଭିନେତା ଆମୀର ଖାନ୍ ଓ ଖିଲାଡି ଷ୍ଟାର ଅକ୍ଷୟ କୁମାରଙ୍କ ପରେ ଏବେ ପାଳି ପଡିଛି ଆଲିଆ ଭଟ୍ଟଙ୍କ । ତାଙ୍କ ଅପ୍‌କମିଂ ଫିଲ୍ମ 'ଡର୍ଲିଂଗସ୍' ରିଲିଜ ହେବା ପୂର୍ବରୁ ଏହାକୁ ବୟକଟ୍ କରିବା ପାଇଁ ସୋଶାଲ ମିଡିଆରେ ଦାବି ଉଠିଛି ।

ପ୍ରଥମ ଆମୀର ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଲାଲ ସିଂହ ଚଡ୍ଢା' । ଏହାପରେ ଅକ୍ଷୟ କୁମାରଙ୍କ 'ରକ୍ଷା ବନ୍ଧନ' । ଆଉ ଏବେ ଆଲିଙ୍କ ଫିଲ୍ମ 'ଡାର୍ଲିଂଗସ୍'କୁ ବୟକଟ୍ କରିବା ପାଇଁ ଦାବି ହୋଇଛି । ଗତ କିଛି ଦିନ ହେବା ଫିଲ୍ମ ଡାର୍ଲିଂଗସକୁ ନେଇ ଚର୍ଚ୍ଚା ଲାଗି ରହିଛି । ଫିଲ୍ମର ଟ୍ରେଲରକୁ ମଧ ଲୋକେ ଖୁବ ପସନ୍ଦ କରିଥିଲେ । ଫିଲ୍ମଟି ଓଟିଟି ପ୍ଲାଟଫର୍ମ ନେଟ୍ ଫ୍ଲିକ୍ସରେ ରିଲିଜ ହେବାକୁ ଯାଇଛି । କିନ୍ତୁ ଏହା ପୂର୍ବରୁ ସୋଶାଲ ମିଡିଆରେ ଏହି ଫିଲ୍ମକୁ ବିରୋଧ କରାଯାଇଛି ।

ଲୋକଙ୍କ କହିବା ମୁତାବକ, ଫିଲ୍ମରେ ପୁରୁଷମାନଙ୍କ ସହ ଡୋମେଷ୍ଟିକ ଭାଓଲେନ୍ସକୁ ଡାର୍କ କମେଡି ରୂପେ ଚିତ୍ରିତ କରାଯାଇଛି । ଅଧିକାଂଶ ଲୋକ ଫିଲ୍ମର କନ୍‌ସେପ୍ଟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ଆଉ କିଛି ଲୋକ ଏହା ମଧ କହିଛନ୍ତି ଯେ ଆଲିଆ କେବଳ ଫିଲ୍ମରେ ଅଭିନୟ କରିନାହାଁନ୍ତି, ବରଂ ସେ ଏହାର ନିର୍ମାତା ମଧ । ଆଲିଆଙ୍କ ଫିଲ୍ମରେ କେବଳ ପୁରୁଷମାନଙ୍କୁ ମନୋରଞ୍ଜନ ନାମରେ ନିର୍ଯାତନା ଦିଆଯାଉଥିବା ଦର୍ଶାଯାଇଛି ।

ଏହା ବ୍ୟତୀତ ସୋଶାଲ ମିଡିଆ ୟୁଜର୍ସମାନେ ପୁରୁଷଙ୍କ ପ୍ରତି ଘରୋଇ ହିଂସା କିପରି ସ୍ୱାଭାବିକ ହୋଇପାରେ ବୋଲି ପ୍ରଶ୍ନ କରିଛନ୍ତି । ଏହି ପ୍ରକାରେ ଲୋକେ ନିଜ ନିଜର ମତ ଉପସ୍ଥାପନ କରି ସୋଶାଲ ମିଡିଆରେ #Boycott AliaBhatt । #Boycott Darlings ଟ୍ରେଣ୍ଡ ଆରମ୍ଭ କରିଦେଇଛନ୍ତି ।



# ସୀମା ଟପିଲେ ଉର୍ଫି: କ୍ୟାମେରା ଆଗରେ ହେଲେ ଟପ୍‌ଲେସ୍

ପୁଣି ଚର୍ଚ୍ଚାରେ ଟେଲି ଅଭିନେତ୍ରୀ ଉର୍ଫି ଜାବେଦ । ସର୍ବଦା ନିଜ ଡ୍ରେସିଂ ସେନ୍ସକୁ ନେଇ ଚର୍ଚ୍ଚାରେ ରହୁଥିବା ଉର୍ଫି ଏବେ ସବୁ ସୀମା ଟପି ଯାଇଛନ୍ତି । କ୍ୟାମେରା ସାମ୍ନାରେ ଟପ୍ ? ଲେସ୍ ? ହୋଇ ଶେଆର କରିଛନ୍ତି ଫଟୋ । ଉର୍ଫିଙ୍କ ଏହି ନଗ୍ନ ଫଟୋ ଏବେ ସୋଶାଲ ମିଡିଆରେ ନିଆଁ ଲଗାଇ ଦେଇଛି ।

ରଣବୀର ସିଂହଙ୍କୁ ମଧ ପଛରେ ପକାଇଲେ ଉର୍ଫି । ରଣବୀରଙ୍କ ଠାରୁ ଆଉ ପାଦେ ଆଗକୁ ଯାଇ ନିଜ ବୋଲ୍ଡ ଓ ଟପ୍ ଲେସ୍ ଫଟୋରେ ଲୋକଙ୍କୁ କରିଛନ୍ତି ଘାଇଲା । କ୍ୟାମେରା ଆଗରେ ଟପ୍‌ଲେସ୍ ହୋଇ ଉଠାଇଲେ ଫଟୋ । ଉର୍ଫି କେବଳ ଜିନ୍ସ ପିନ୍ଧିଛନ୍ତି ଓ ଲମ୍ବା କେଶରେ ନିଜର ଶରୀରକୁ ଘୋଡାଇ ଦେଇଛନ୍ତି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉର୍ଫି ଜାବେଦ୍ ନାକରେ ନୋଜ୍ ପିନ୍ ପିନ୍ଧି ସେମି-ନଗ୍ନ ଲୁକ୍‌ରେ ଫଟୋ ସୁଟ୍ କରିଛନ୍ତି । ଉର୍ଫି ସିଲଭର ରଙ୍ଗର ନାକରେ ଏକ ବଡ଼ ଆକାରର ନୋଥ ପିନ୍ଧିଛନ୍ତି । ଏହି ସୁପର ସିଜଲିଂ ଲୁକ୍‌ରେ ଉର୍ଫି ତିନୋଟି ଭିନ୍ନ ଢ଼ଙ୍ଗରେ ଫଟୋ ଉଠାଇ ଶେଆର କରିଛନ୍ତି । ପ୍ରତିଟି ଫଟୋରେ ଉର୍ଫିଙ୍କ ପୋଜ୍ କିଲର ରହିଛି । ସେ ନିଜର ଏହି ଲୁକ୍‌କୁ ନେଇ ଏବେ ଇଣ୍ଟରନେଟ୍ ସେନ୍‌ସେସନ୍ ପାଲଟି ଯାଇଛନ୍ତି ।

ଉର୍ଫିଙ୍କ ଏହି ନୂଆ ଲୁକ୍ ସହ ତାଙ୍କ ମେକ୍‌ଅପ୍ ମଧ ବେଶ୍ ଖାସ୍ ଥିଲା । ନ୍ୟୁଡ୍ ଲିପଷ୍ଟିକ୍ ସାଙ୍ଗକୁ ଆଖିରେ ମସ୍କାରା ଓ ଆଇଲାଇନର ଲଗାଇ ନିଜ ଲୁକ୍‌କୁ ସେ ପୂରା କରିନ୍ତି । ଉର୍ଫିଙ୍କ ଏହି ଟପ୍‌ଲେସ୍ ଫଟୋ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୋଶାଲ ମିଡିଆ ୟୁଜର୍ସମାନେ ତାଙ୍କ ଫଟୋରେ କମେଣ୍ଟ ମଧ କରିଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି, କେବଳ ଉର୍ଫି ହିଁ ଏହା କରିପାରନ୍ତି । ସେହିପରି ଆଉ କିଛି ୟୁଜର୍ସ ଉର୍ଫିଙ୍କୁ ତାଙ୍କର ଏହି ଟପ୍‌ଲେସ ଫଟୋ ପାଇଁ ଟ୍ରୋଲ କରିଛନ୍ତି ।

# 'ଲାଲ୍ ସିଂହ ଚଡ୍ଢା' ପାଇଁ ... ନୁହେଁ, ମାନୁଷୀ ଥିଲେ ପ୍ରଥମ ପସନ୍ଦ !




'ଲାଲ୍ ସିଂହ ଚଡ଼ା' ପାଇଁ ପ୍ରଥମ ପସନ୍ଦ ନଥିଲେ ଅଭିନେତ୍ରୀ କରୀନା କପୁର । ଚଳଚ୍ଚିତ୍ର ପାଇଁ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଥିବା ଆମୀର ଖାନ୍ ଓ ନିର୍ଦ୍ଦେଶକ ଏକ ୨୫ ବର୍ଷୀୟା ଅଭିନେତ୍ରୀଙ୍କୁ ଖୋଜୁଥିଲେ । ମାତ୍ର ଶେଷର ପସନ୍ଦ ଆସିଲେ ୪୧ ବର୍ଷୀୟା କରୀନା କପୁର ଖାନ୍ । ତେବେ ଆପଣ ଭାବୁଥିବେ ଯେ ପ୍ରଥମ ପସନ୍ଦ କିଏ ଥିଲେ ଚଳଚ୍ଚିତ୍ରର ନିର୍ଦ୍ଦେଶକ କିମ୍ବା ଆମୀର ଏ ନେଇ କୌଣସି ଖୁଲାସା କରିନଥିଲେ ବି ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ ଆମୀରଙ୍କ କଥାରୁ ସେହି ଅଭିନେତ୍ରୀ କିଏ ବୋଲି ଅନୁମାନ ଲଗାଇ ସାରିଲେଣି । ତେବେ 'ଲାଲ୍ ସିଂହ ଚଡ୍ଢା' ପାଇଁ ପ୍ରଥମ ପସନ୍ଦ ବିଶ୍ୱ ସୁନ୍ଦରୀ ମାନୁଷୀ ଚିଲ୍ଲର ଥିଲେ ବୋଲି ଚର୍ଚ୍ଚା ହେଉଛି । ନିକଟରେ 'କଫି ଉଇଥ୍ କରଣ'ରେ ଆମୀର ଏହି କଥାର ଖୁଲାସା କରିଛନ୍ତି । ସେ କହିଛନ୍ତି କି ଏକ ବିଜ୍ଞାପନରେ କରୀନାଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ପରଦାରେ ଦିଶୁଥିଲେ । ମୁଁ ଓ ନିର୍ଦ୍ଦେଶକ ସେହି ବିଜ୍ଞାପନ ଦେଖି ଅନ୍ୟ ମଡେଲ୍ ଜଣଙ୍କୁ ଆମ ଚଳଚ୍ଚିତ୍ରର 'ରୁପା' ଚରିତ୍ର ପାଇଁ ଭାବିଥିଲୁ । ମାତ୍ର ଗୋଟାଏ ସମୟରେ ମୋତେ ଲାଗିଲା କରୀନା ହିଁ ଉଚିତ ହେବେ ଉକ୍ତ ଚରିତ୍ର ପାଇଁ । ଠିକ୍ ସମୟରେ ଏକାସାଥୀରେ ଆମେ କରୀନାଙ୍କ ନାଁ ନେଇଥିଲୁ । ତେବେ ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ ଏବେ ସେହି ଭିଡିଓକୁ ଖୋଜି ପାଇଛନ୍ତି । ଯେଉଁ ଭିଡିଓରେ କରୀନାଙ୍କ ସହ ମାନୁଷୀ ଦେଖିବାକୁ ମିଳିଥିଲେ । ଏକ ଅଳଙ୍କାର ବିଜ୍ଞାପନରେ ନଜର ଆସିଥିଲେ ଉଭୟ କରୀନା ଓ ମାନୁଷୀ । ଯାହାକୁ ନେଇ ଆମୀର ଯେ ମାନୁଷୀଙ୍କ କଥା କହୁଥିଲେ ତାହା ଏକ ରକମର ସ୍ପଷ୍ଟ ହୋଇଛି ।

# ବିଗ୍ ବସ୍ ଫେମ୍ ପ୍ରିୟଙ୍କ ଶର୍ମାଙ୍କ ଉପରେ ଆକ୍ରମଣ

ବିଗ୍ ବସ୍ ଫେମ୍ ଅଭିନେତା ପ୍ରିୟଙ୍କ ଶର୍ମାଙ୍କ ଉପରେ ଆକ୍ରମଣ । ଜଣେ ଅଜଣା ବ୍ୟକ୍ତି ଏହି ଅଭିନେତାଙ୍କ ଉପରେ ଆକ୍ରମଣ କରିଛନ୍ତି । ଗାଜିଆବାଦର ଏକ ହସ୍ପିଟାଲରେ ଏହି ଆକ୍ରମଣ ହୋଇଛି । ତେବେ ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏନେଇ ଅଭିନେତା ପୁଲିସରେ ଅଜ୍ଞାତ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରିଛନ୍ତି । ସୂଚନା ମୁତାବକ, ପ୍ରିୟଙ୍କ ନିଜ ମା'ଙ୍କ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯାଉଥିଲେ । ଏହି ସମୟରେ ତାଙ୍କ ବାପା ମଧ ସାଙ୍ଗରେ ଥିଲେ । ଚିକିତ୍ସା ପରେ ସେ ହସ୍ପିଟାଲ ପରିସରରୁ ବାହାରକୁ ବହାରିବା ବେଳେ ହଠାତ ତାଙ୍କ ଉପରେ ଜଣେ ବ୍ୟକ୍ତି ଆକ୍ରମଣ କରିଥିଲେ । କେବଳ ସେତିକି ନୁହେଁ ତାଙ୍କୁ ମାରିବା ଆରମ୍ଭ କରିଥିଲା ଉକ୍ତ ବ୍ୟକ୍ତି । ଏହାପରେ ଅଭିନେତା ଜଣ ତାଙ୍କୁ ଧକ୍କା ଦେଇଥିଲେ । ପରେ ହସ୍ପିଟାଲ ପରିସରେ ଥିବା କିଛି ବ୍ୟକ୍ତି ଆଗକୁ ଆସି ପ୍ରିୟଙ୍କଙ୍କୁ ଆକ୍ରମଣରୁ ରକ୍ଷା କରିଥିଲେ । ଏହାପରେ ଯେଉଁ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ ସେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଏକ ସାକ୍ଷାତକାରରେ ପ୍ରିୟଙ୍କ କହିଛନ୍ତି ।



# ସାମନ୍ଥା କିଣିଲେ ପୁରୁଣା ଘର, ଏକ୍ସ-ହଜବ୍ୟାଣ୍ଡଙ୍କ ସହ ରହିଛି କନେକସନ୍



ନାଗା ଚୈତନ୍ୟଙ୍କଠାରୁ ବିଚ୍ଛେଦ ହେବା ପରେ ବିନ୍ଦାସ୍ ଲାଇଫ୍ ଏନଜୟ କରୁଛନ୍ତି ସାଉଥ ସୁନ୍ଦରୀ ସାମନ୍ଥା । ନିକଟରେ କରନ ଜୋହରଙ୍କ ଶୋ'କୁ ଆସିଥିବା ସାମନ୍ଥା ନାଗାଙ୍କୁ ନିଜ ଏକ୍ସ-ହଜବ୍ୟାଣ୍ଡ ବୋଲି କହିଥିଲେ । ଉଭୟଙ୍କ ସମ୍ପର୍କ ତୁଟି ସାରିଥିଲେ ବି ସ୍ମୃତିକୁ ପାସୋରି ପାରୁ ନାହାନ୍ତି ସାମନ୍ଥା । ନାଗାଙ୍କ ସହ ଯେଉଁ ଘରେ ନିଜ ବୈବାହିକ ଜୀବନକୁ ହସଖୁସିରେ କାଟୁଥିଲେ, ସେହି ଘରକୁ ଉଚ୍ଚା ଦରରେ କିଣି ନେଇଛନ୍ତି ସାମନ୍ଥା । ଏପରିକି ଏବେ ସେ ଉକ୍ତ ଘରେ ନିଜ ମା'ଙ୍କ ସହ ରହୁଛନ୍ତି । ଏହାର ଖୁଲାସା କରିଛନ୍ତି ଖୋଦ ଘର ବିକିଥିବା ବ୍ୟକ୍ତି । ସାମନ୍ଥା ସାଉଥରେ ଜଣେ ଆଗ ଧାଡ଼ିର ଅଭିନେତ୍ରୀ ଥିବା ବେଳେ ଏବେ ବଲିଉଡରେ ବି ନିଜ ଜଲୱା ଦେଖାଉଛନ୍ତି ।






# ହତ୍ୟା ଭୟ: ବୁଲେଟ୍ ପ୍ରୁଫ ଗାଡ଼ି ଚଢ଼ିଲେ ସଲମାନ୍

ବଲିଉଡର ଭାଇଜାନ୍ ସଲ୍‌ମାନ ଖାନ୍‌ଙ୍କୁ ହତ୍ୟା ଭୟ । ଯେବେଠୁ ତାଙ୍କ ହତ୍ୟା ଧମକ ମିଳିଛି ସେବେଠୁ ତାଙ୍କ ଫ୍ୟାନ୍‌ମାନେ ତାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡିଛନ୍ତି । ଧମକପୂର୍ଣ୍ଣ ଚିଠି ମିଳିବା ପରେ ଭାଇଜାନଙ୍କ ସୁରକ୍ଷା କଡାକଡି କରିଦିଆଯାଇଛି । ଏପରିକି ମୁମ୍ବାଇ ପୁଲିସ ହତିଆର ରଖିବା ପାଇଁ ତାଙ୍କୁ ଲାଇସେନ୍ସ ମଧ ଜାରି କରିସାରିଛ । ଏବେ ଆଉ ପାଦେ ଆଗକୁ ଯାଇ ଦବଙ୍ଗ ଖାନ ନିଜ ସୁରକ୍ଷାକୁ ଆହୁରି ବଢ଼ାଇ ଦେଇଛନ୍ତି । ସେ ନିଜ ଗାଡ଼ି ବୁଲେଟ୍ ପ୍ରୁଫ୍ କାରରେ ପରିଣତ କରିଛନ୍ତି ।

ସଲମାନ ନିଜ ଟୟୋଟା ଲ୍ୟାଣ୍ଡ କ୍ରୁଜରକାରକୁ ଅପ୍‌ଗ୍ରେଡ୍ କରିଛନ୍ତି । ଏଥିରେ ବୁଲେଟ୍ ପ୍ରୁଫ୍ ସ୍କ୍ରିନ୍ ଲଗାଇଛନ୍ତି ସେ । ସୋମବାର ସଲ୍‌ମାନଙ୍କୁ ଏକ ବୁଲେଟ୍ ପ୍ରୁଫ୍ ଗାଡ଼ିରେ ଯାଉଥିବାର ଦେଖିବାକୁ ମିଳିଛି । ମୁମ୍ବାଇର ବିମାନ ବନ୍ଦରରେ ସଲମାନ୍‌ଙ୍କୁ ଦେଖିବାକୁ ମିଳିଥିଲା । ସେ ସେଠାରେ ଟୟଟା ଲ୍ୟାଣ୍ଡ୍ କ୍ରୁଜର ଗାଡ଼ିରୁ ଓହ୍ଲାଇଥିଲେ, ଯାହାର ଦାମ ହେଉଛି ୧.୫ କୋଟି ଟଙ୍କା । ଗାଡ଼ିଟିର ଇଞ୍ଜିନ୍ କାପାସିଟି ୪୪୬୧-ସିସି ହୋଇଥିବା ବେଳେ ବିଏଚ୍‌ପି ପାୱାର ୨୬୨ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଗାଡ଼ିଟି ସମ୍ପୂର୍ଣ୍ଣ ରୂପେ ବୁଲେଟ୍ ପ୍ରୁଫ୍ । ଅର୍ଥାତ, ସଲ୍‌ମାନଙ୍କୁ ଏହା ବନ୍ଧୁକ ଗୁଳିରୁ ସୁରକ୍ଷା ଦେବ ।ନିକଟରେ ହତ୍ୟା ଧମକ ମିଳିବା ପରେ ଆତ୍ମରକ୍ଷା ନିମନ୍ତେ ଅସ୍ତ୍ରଶସ୍ତ୍ର ଲଇସେନ୍ ପାଇଁ ଜୁଲାଇ ୨୨ରେ ଆବେଦନ କରିଥିଲେ ସଲମାନ । ଶେଷରେ ସଲ୍‌ମାନଙ୍କୁ ଗତକାଲି 'ଆର୍ମସ୍ ଲାଇସେନ୍‌ସ୍' ପ୍ରଦାନ କରାଯାଇଥିବା କଥା ମୁମ୍ବାଇ ପୁଲିସ କହିଛି । କିନ୍ତୁ, ସେ କେଉଁ ପ୍ରକାରର ଅସ୍ତ୍ର ଖରିଦ କରିପାରିବେ ତାହା ଉକ୍ତ 'ଲାଇସେନ୍‌ସ୍'ରେ ଉଲ୍ଲେଖ କରାଯାଇନାହିଁ । ସେପଟେ ସଲମାନଙ୍କୁ ହତ୍ୟା ଧମକ ମିଳିବା ପରେ ବି-ଟାଉନରେ ହଇଚଇ ସୃଷ୍ଟି ହୋଇଯାଇଛି । ତାଙ୍କ ସୁରକ୍ଷାକୁ ଆହରି ବଢ଼ାଇ ଦିଆଯାଇଛି । ମେ' ୨୯ ତାରିଖରେ ପଞ୍ଜାବର ମନସା ନିକଟରେ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ଗୁଳି ମାରି ହତ୍ୟା କରାଯିବା ପରେ ପରେ ଅଭିନେତା ସଲମାନ ଖାନ୍ ଓ ତାଙ୍କ ବାପାଙ୍କୁ ମଧ ହତ୍ୟା ଧମକ ଦିଆଯାଇଥିଲା । ଚିଠି ଜରିଆରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଗ୍ୟାଙ୍ଗ ଏହି ଧମକ ଦେଇଥିବା ଜଣାପଡିଥିଲା । ଏହାପରେ ସଲମାନ ବନ୍ଧୁକ 'ଲାଇସେନ୍‌ସ୍' ପାଇବା ପାଇଁ ସେ ଗତ ମାସରେ ମୁମ୍ବାଇ ପୁଲିସ ମୁଖ୍ୟାଳୟକୁ ଯାଇ କମିସନର ବିବେକ ଫାନ୍‌ସଲକରଙ୍କୁ ଭେଟିଥିଲେ ।



# ମୁକ୍ତା ପ୍ରଫେସନାଲ୍‌ଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୪/୦୮ (ନି.ପ୍ର): ରାଜ୍ୟର ବିଭିନ୍ନ ପୌର ସଂସ୍ଥାରେ ନିୟୋଜିତ , ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ପ୍ରଫେସନାଲ୍ ମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ଲୋକସେବାଭବନ କନଭେନସନ୍ ହଲ୍ ଠାରେ ଆୟୋଜିତ ଏହି କର୍ମଶାଳାକୁ ଉଦ୍‌ଘାଟନ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ କହିଲେ କୋଭିଡ୍-୧୯ଦ୍ୱାରା ପ୍ରଭାବିତ ସହରାଂଚଳର ଆର୍ଥିକ ଅନଗ୍ରସର ତଥା ପ୍ରବାସୀ ଶ୍ରମଜୀବିଙ୍କ ପାଇଁ ବ୍ୟାପକ ସାମାଜିକ ସୁରକ୍ଷା ଓ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁକ୍ତାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ କ୍ରିୟାନ୍ୱୟନ ପ୍ରକ୍ରିୟା ସ୍ୱଚ୍ଛତା ତଥା ଉତରଦାୟିତ୍ୱ ଆଧାରରେ ଗୋଷ୍ଠୀ ସଂଚାଳିତ ସହଭାଗିତା ଓ ନିମ୍ନ ସ୍ତରରୁ ଉପରକୁ ଯାଉଥିବା ପରିଚାଳନା ମାଧ୍ୟମରେ ସମ୍ପନ୍ନ ହୋଇଥାଏ ବୋଲି ସେ କହିଛନ୍ତି । ବିଗତ ୨୮ ମାସ ମଧ୍ୟରେ 'ମୁକ୍ତା' ଜରିଆରେ ରାଜ୍ୟର ସମସ୍ତ ୧୧୫ ପୌରସଂସ୍ଥାରେ ୩୫୦ କୋଟି ଟଙ୍କା ବ୍ୟୟରେ ୪୫,୦୦୦ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ମୋଟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି-ଶ୍ରମ ଦିବସ ସୃଷ୍ଟି କରାଯିବା ଫଳରେ ପ୍ରାୟ ୬ ଲକ୍ଷ ସହରାଂଚଳ ଆର୍ଥିକ ଅନଗ୍ରସର ତଥା ପ୍ରବାସୀ ଶ୍ରମଜୀବି ଉପକୃତ ହୋଇ ପାରିଛନ୍ତି ଯେଉଁମାନଙ୍କ ମଧ୍ୟରେ ୪୦% ମହିଳା ହିତାଧିକାରୀ ଅଛନ୍ତି । 'ବୃଷ୍ଟି ଜଳକୁ ଧରି ରଖ' ଅଭିଯାନ ଅନ୍ତର୍ଗତ ୩୬୦୦୦ ବୃଷ୍ଟିଜଳ ଅମଳ ଢାଂଚା ନିର୍ମାଣ ଶେଷ ହୋଇଛି ।ପ୍ରାୟ ୧୮୦୦୦ ମିଶନ୍ ଶକ୍ତି ଗୋଷ୍ଠୀ ତଥା ବସ୍ତି ବାସିନ୍ଦା ସଂଘ ସମୂହ 'ମୁକ୍ତା' କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଭାଗୀ ଭୂମିକା ତୁଲାଇ ୪୫୦୦୦ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପନ୍ନହୋଇଛି ।

ଓଡ଼ିଶା ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ୍ କହିଥିଲେ ଏହି ଅନନ୍ୟ ଉପକ୍ରମ ସମ୍ମାନଜନକ ଗୁଆଙ୍ଗଝାଓ ଆନ୍ତର୍ଜାତିକ ପୁରସ୍କାର ଅନ୍ତର୍ଗତ ଦୁଇଟି ଉଲ୍ଲେଖନୀୟ ବର୍ଗ ଯଥା 'ମେଡାଲ୍ ଅଫ୍ ଅର୍ନ' ଓ 'ଅନଲାଇନ୍ ପପୁଲାର୍ ସିଟି ଆୱାର୍ଡ' ରେ ସମ୍ମାନିତ ହୋଇଛି । ୨୦୨୧-୨୨ ଡବ୍ଲ୍ୟୁ. ଆର ଆଇ ରସ୍ ସେଂଟର ପ୍ରାଇଜ୍ ଫର୍ ସିଟିଜ୍ ପାଇଁ ଶ୍ରେଷ୍ଠ ୫ ଟି ଚୂଡ଼ାନ୍ତ ଫାଇନାଲିଷ୍ଟଙ୍କ ମଧ୍ୟରେ 'ମୁକ୍ତା' ସ୍ଥାନୀତ ହୋଇଛି । ସ୍ୱଚ୍ଛତା ତଥା ଉତରଦାୟିତ୍ୱ ସହ ଗୋଷ୍ଠୀ ସଂଚାଳିତ ସହଭାଗିତା ଓ ନିମ୍ନ ସ୍ତରରୁ ଉର୍ଦ୍ଧ୍ୱଗାମୀ ପରିଚାଳନା ମାଧ୍ୟମରେ ସମ୍ପନ୍ନ 'ମୁକ୍ତା' ର କାର୍ଯ୍ୟକାରିତାରେ କୌଣସି ଅବହେଳା ଦେଖାଗଲେ ଦୃଢ ପଦକ୍ଷେପ ନିଆଯିବ ବୋଲି ସେ ପ୍ରଫେସନାଲ୍ ମାନଙ୍କୁ ସତର୍କ କରାଇ ଦେଇଥିଲେ ।

ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ତାଙ୍କ ଅଭିଭାଷଣରେ ଏହି ଯୋଜନାରେ ପୌରସଂସ୍ଥାର ୱାର୍ଡ କୁ ବିକାଶର ଏକକ ଭାବେ ଗ୍ରହଣ କରାଯାଇଥାଏ ଓ ପରିପୃକ୍ତତା ଭିତିରେ ସମସ୍ତ ୧୧୫ ପୌରସଂସ୍ଥାର ୨୦୫୫ ୱାର୍ଡ ମାନଙ୍କରେ ଦୀର୍ଘସ୍ଥାୟୀ ଗୋଷ୍ଠୀ ଭିତିକ ସମ୍ପଦ ସୃଷ୍ଟି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ବୋଲି ଗୁରୁତ୍ୱ ଆରୋପ କରିଥିଲେ ।

ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳାରେ ୧୧୫ ପୟର ସଂସ୍ଥାରୁ ୩୪୫ ଜଣ 'ମୁକ୍ତା' ପ୍ରଫେସନାଲ୍ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବୈଷୟିକ ଅଧିବେଶନରେ ଭାଗ ନେଇ ବିଭାଗୀୟ ଅଧିକାରୀ ବୃନ୍ଦ ତଥା 'ମୁକ୍ତା' ପ୍ରଫେସନାଲ୍ ମାନେ ସେମାନଙ୍କ ମତ ବିନିମୟ କରିଥିଲେ ।

# ଏମ୍ସ ଭୁବନେଶ୍ୱରରେ ଏବିସି ଇକୋକାର୍ଡିଓଗ୍ରାଫି ସମ୍ବନ୍ଧୀୟ ତାଲିମ କର୍ମଶାଳା

ଭୁବନେଶ୍ୱର,୪/୦୮ (ନି.ପ୍ର): ଗୁରୁତର ଅସୁସ୍ଥ ରୋଗୀଙ୍କ ପାଇଁ ଉନ୍ନତ ହୃଦ୍‌ରୋଗ ଏବଂ ଉତମ ହେମୋଡାଇନାମିକ୍ ପରିଚାଳନା ଯୋଗାଇଦେବା ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱର ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ବିଭାଗ ପକ୍ଷରୁ ଏବିସି ଇକୋ କାର୍ଡିଓଗ୍ରାଫିର ଦ୍ୱିତୀୟ ସଂସ୍କରଣ କର୍ମଶାଳା ଆୟୋଜିତ ହୋଇଯାଇଛି । ଗୁରୁତର ଥିବା ରୋଗୀଙ୍କୁ ନିଶ୍ଚେତକ ଏବଂ ଇଂଟେନସିଭିଷ୍ଟମାନେ ଦୈନିକ ହୃଦରୋଗ ତଥା ଅନ୍ୟାନ୍ୟ ବିଭିନ୍ନ ପରୀକ୍ଷା କରିଥାଆନ୍ତି । ଏହି କର୍ମଶାଳା ମାଧ୍ୟମରେ ଇକୋକାର୍ଡିଓଗ୍ରାଫିର କଳା ଏବଂ ବିଜ୍ଞାନକୁ ସରଳ ଭାବରେ ଜଣାଇବା ସହିତ ଏହାକୁ ରୋଗୀ ସେବା କ୍ଷେତ୍ରରେ ସୁପରିଚାଳନା କରି ଶ୍ରେଷ୍ଠ ଫଳ ଆଶା କରିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ପରିକଳ୍ପନା କରାଯାଇଥିବା ଆୟୋଜନ କମିଟି ଅଧ୍ୟକ୍ଷ ତଥା ଏମ୍ସ ଭୁବନେଶ୍ୱର ଆନାସ୍ଥେସିଓଲୋଜି ଏବଂ କ୍ରିଟିକାଲ କେୟାର ବିଭାଗ ମୁଖ୍ୟ ଡକ୍ଟର ସତ୍ୟଜିତ ମିଶ୍ର ପ୍ରକାଶ କରିଛନ୍ତି । ଏହି କର୍ମଶାଳାରେ ଏମକେସିଜି ମେଡିକାଲ କଲେଜ, ବରହମପୁର ଭଳି ପ୍ରମୁଖ ସରକାରୀ କଲେଜ ସମେତ ରାଜ୍ୟର ପ୍ରମୁଖ ଘରୋଇ ହସ୍ପିଟାଲ ଯଥା ଆମରି, ସମ, କିମ୍ସ, କେୟାର ଏବଂ ହାଇଟେକ ହସ୍ପିଟାଲ ରାଉରକେଲାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ । ସେହିଭଳି ଦେଶର ବିଭିନ୍ନ ଜାତୀୟ ପ୍ରତିଷ୍ଠାନର ବିଶେଷଜ୍ଞମାନେ ମଧ୍ୟ ଏହି କର୍ମଶାଳାରେ ଯୋଗଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି, ଡିନ ଡାକ୍ତର ଦେବାଶିଷ ହୋତା, ଆୟୋଜନ କମିଟି ଅଧ୍ୟକ୍ଷ ଡାକ୍ତର ସତ୍ୟଜିତ ମିଶ୍ର, ସମ୍ପାଦକ ଡାକ୍ତର ସୌମ୍ୟ ସରକାର, ମେଡିସିନ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଜିଆଇ ଚଣ୍ଡିଗଡ଼ର ଡାକ୍ତର ଭୁପେଶ କୁମାର, ଜିପମର ପୁଡୁଚେରୀର ଡାକ୍ତର ସତ୍ୟେନ ପରିଡା, ଏମ୍ସ ରାୟପୁରର ଡାକ୍ତର ସୁବ୍ରତ ସିଂ ଏବଂ ଏମ୍ସ ଭୋପାଳର ଡାକ୍ତର ଭୂଷଣମ୍ ପଡାଲାଙ୍କ ଭଳି ଜାତୀୟସ୍ତରର ବ୍ୟକ୍ତିବିଶେଷ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ନିଶ୍ଚେତକ, ହୃଦରୋଗ, ଇଂଟେନ୍ସିଭ୍ କେୟାର ଆଦି ବିଭାଗର ଡାକ୍ତରମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ ।

# ଜାତୀୟସ୍ତରୀୟ ମଡେଲିଂ ପ୍ରତିଯୋଗିତାରେ ହେଲେ ବ୍ରାଣ୍ଡ୍ ଆମ୍ବାସଡର ହେଲେ ଓଡିଆ ପୁଅ ଅଙ୍କନ

ଭୁବନେଶ୍ୱର,୪/୦୮ (ନି.ପ୍ର): ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି ଓଡିଆ ପୁଅ ତଥା ଯୁବ ସଫ୍ଟ ୱେୟାର ଇଞ୍ଜିନିୟର ଅଙ୍କନ କୁମାର ପାତ୍ର । ସେ ଗତ ୩୧ ତାରିଖରେ ନୂଆଦିଲ୍ଲୀ ନୋଇଡା ସ୍ଥିତ ଜାତୀୟ ସ୍ତରୀୟ ' ମିଷ୍ଟର, ମିସ୍ , ୟୁନିଭର୍ସ କିଙ୍ଗ୍ ଆଣ୍ଡ୍ କ୍ୱିନ୍' ପ୍ରତିଯୋଗିତାରେ ବ୍ରାଣ୍ଡମଡେଲ ଆମ୍ବାସଡର ଟାଇଟଲ୍ ହୋଇଛନ୍ତି । ପେଶାରେ ସେ ଜଣେ ଇଞ୍ଜିନିୟର ହୋଇଥିଲେ ସୁଦ୍ଧା ମଡେଲିଂ ପ୍ରତି ରହିଥିବା ତାଙ୍କ ନିଷ୍ଠା ପାଇଁ ସେ ଆଜି ଏକ ଗୌରବମୟ ଜାତୀୟ ସମ୍ମାନ ପାଇଛନ୍ତି । ଦେଶର ବିଭିନ୍ନ ରାଜ୍ୟରେ ଏହାର ଅଡିସନ୍ କରାଯାଇ ମୋଟ ୩୫ ଜଣ ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଥିଲେ । ଏଥିରେ ଓଡିଶାରୁ ଅଙ୍କନ ଭାଗ ନେଇଥିଲେ । ଏହି ସମ୍ମାନ ପାଇବା ପରେ ରାଜ୍ୟରେ ଅନ୍ୟ ପିଲାମାନଙ୍କୁ ମଡେଲିଂ ପାଇଁ ଉତ୍ସାହିତ କରିବା ଉଦେଶ୍ୟରେ ସେ ଏକ ମଡେଲିଂ ଅନୁଷ୍ଠାନ ଖୋଲିବେ ବୋଲି କହିଛନ୍ତି ଅଙ୍କନ ପାତ୍ର ।

## ବୁଷ୍ଟର ଡୋଜ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି ଲୋକ: ଚିନ୍ତା ପ୍ରକଟ କଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୪/୦୮ (ନି.ପ୍ର): ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୭ ପ୍ରତିଶତ ଲୋକେ ନେଇ ନାହାନ୍ତି ବୁଷ୍ଟର ଡୋଜ । ଅର୍ଥାତ ରାଜ୍ୟର ୨ କୋଟି ୮୨ ଲକ୍ଷ ଲୋକେ ନେଇ ନାହାନ୍ତି ବୁଷ୍ଟର ଡୋଜ । ବର୍ତ୍ତମାନ ସୁଦ୍ଧା କେବଳ ୪୨ ଲକ୍ଷ ୭୦ ହଜାର ୪୮୭ ଲୋକେ ବୁଷ୍ଟର ଡୋଜ ନେଇଛନ୍ତି । ଯାହାକି ମାତ୍ର ୧୩ ପ୍ରତିଶତ । ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ରାଜ୍ୟର ୨୫ ଲକ୍ଷ ଲୋକ ନେଇ ନାହାନ୍ତି ଦ୍ୱିତୀୟ ଡୋଜ ଟିକା । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । କଟକ, ଖୋର୍ଦ୍ଧା, ଜଗତସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୁଳ ଭଳି ଜିଲ୍ଲାରେ ପ୍ରଥମ ଡୋଜ ୯୦ ପ୍ରତିଶତରୁ କମ ଟିକାକରଣ ହୋଇଛି । ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ମାଗଣା ଟିକାକରଣକୁ ଆଉ କମ ଦିନ ବାକିଥିବାରୁ ସମସ୍ତଙ୍କୁ ତୁରନ୍ତ ବୁଷ୍ଟର ଡୋଜ ନେବା ଲାଗି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି ।

# ବଣାଇ ହକି ଷ୍ଟାଡିୟମ୍ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା

ଭୁବନେଶ୍ୱର ,୪/୦୮ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ଜିଲ୍ଲା ଗସ୍ତର ତୃତୀୟ ଦିନରେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପ ସହ ଜିଲ୍ଲାର ଝିରଡ଼ାପାଲିଠାରେ ନିର୍ମାଣାଧୀନ ଭାରୀ ମୋଟର ଯାନ ଡ୍ରାଇଭିଂ ତାଲିମ କେନ୍ଦ୍ର ବୁଲି ଦେଖିଥିଲେ । ଏହାସହ ଶ୍ରୀ ତ୍ରିପାଠୀ ବଣାଇ ବ୍ଲକ୍ ର ବଇଦପାଲିସ୍ଥିତ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ଯାଇ ସେଠାରେ ୫-'ଟି' ଉପକ୍ରମରେ କରାଯାଉଥିବା ରୂପାନ୍ତରଣ କାର୍ଯ୍ୟ ପରିଦର୍ଶନ କରିଥିଲେ । ପରେ ବଣାଇଠାରେ ଶିକ୍ଷିତ ଯୁବବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ପ୍ରାକ୍-ନିଯୁକ୍ତି ତାଲିମ କେନ୍ଦ୍ର 'ସୁଦକ୍ଷ' ପରିଦର୍ଶନ କରି ସେଠାରେ ତାଲିମ ନେଉଥିବା ୪୦ ଜଣ ଶିକ୍ଷାନବିଶଙ୍କୁ ସରକାର ସେମାନଙ୍କ ପାଇଁ ନେଉଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରିଥିଲେ । ବୈଦ୍ୟୁତିକ ଡାଟା ପ୍ରୋସେସିଂ ତାଲିମ ନେଲେ ଯୁବବର୍ଗ ଏମ୍ଏସ୍ଏମ୍‌ଇ ଏବଂ କୃଷି ଶିଳ୍ପ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି କହିଥିଲେ । ପରେ ବଣାଇସ୍ଥିତ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧିନରେ କାର୍ଯ୍ୟରତ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଚାଲିଥିବା ସିଲେଇ, ନର୍ସିଂ, କମ୍ପ୍ୟୁଟର ମରାମତି ତାଲିମ ପରିଦର୍ଶନ କରିଥିଲେ । ଏହା ପରେ ଇଡ୍‌କୋ ଦ୍ୱାରା ବଣାଇରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ସିନ୍ଥେଟିକ୍ ହକି ତାଲିମ କେନ୍ଦ୍ର ନିର୍ମାଣ କାର୍ଯ୍ୟ ବୁଲିଦେଖି କାର୍ଯ୍ୟର ମାନ ବିଷୟରେ ସେଠାରେ ଅବସ୍ଥାପିତ ଡିଭିଜନାଲ ମୁଖ୍ୟଙ୍କ ସହ ବାର୍ତାଳାପ କରିଥିଲେ । ଚଳିତ ବର୍ଷ ଅକ୍ଟୋବର ମାସ ସୁଦ୍ଧା ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି । ଶ୍ରୀ ତ୍ରିପାଠୀ ଜିଲ୍ଲା ଖଣିଜ ପାଣ୍ଠିରୁ ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ସେଣ୍ଟ୍ରାଲ ନର୍ସରୀ ଏବଂ ଟସର ସ୍ମି ପାର୍କ ବୁଲି ଦେଖିଥିଲେ । ଚାଷୀମାନଙ୍କ ପାଇଁ କଞ୍ଚାମାଲ ସଂରକ୍ଷଣ ଭଣ୍ଡାର, ଉତ୍ପାଦନ କେନ୍ଦ୍ର, ଛାତ୍ରାବାସ ଏବଂ ଅତିଥି ଭବନ ନିର୍ମାଣ ଚାଲିଥିବା ସେ ଦେଖିଥିଲେ । ଏନ୍‌ବିସିସି ଦ୍ୱାରା କରାଯାଉଥିବା ଏହି ନିର୍ମାଣ କାର୍ଯ୍ୟ ଏ ବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ଜଣାପଡ଼ିଛି । ପରେ ଶ୍ରୀ ତ୍ରିପାଠୀ ଲହୁଣିପଡ଼ା ବ୍ଲକ୍ ସ୍ଥିତ ଖୁଂଟଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଯାଇ ସେଠାରେ ବିଦ୍ୟାଳୟ ରୂପାନ୍ତରଣ ପରିଦର୍ଶନ କରିଥିଲେ । ସେଠାରୁ ଲଲେଇ ଗ୍ରାମ ଯାଇ ସେଠାରେ ୪ଟି ଗ୍ରାମାଞ୍ଚଳ ପାଇପ ଜଳଯୋଗାଣ ପ୍ରକଳ୍ପ ଯାହା ଖଣି ପ୍ରଭାବିତ ଗାଆଁଗୁଡ଼ିକୁ ଜଳ ଯୋଗାଇବ । ଏଥି ପାଇଁ ୨୭୫ କୋଟି ଟଙ୍କା ଓଡ଼ିଶା ଖଣିଜ ବହୁଳ ଅଞ୍ଚଳ ବିକାଶ ନିଗମ ପାଣ୍ଠିରୁ ପ୍ରଦାନ କରାଯାଇଛି । ଏହାକୁ ନାଗାର୍ଜୁନ କମ୍ପାନୀ ନିର୍ମାଣ କରୁଛି । ଶ୍ରୀ ତ୍ରିପାଠୀ ପରେ ବରଘାଟ ଗ୍ରାମ ଯାଇ ସେଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରୋତ୍ସାହିତ ଲିଚି ଓ କଦଳୀ ମିଶ୍ରିତ କୃଷି ଉଦ୍ୟାନ, ଯେଉଁଥିରେ ୧୭ ଗୋଟି ଆଦିବାସୀ ପରିବାର ଉପକୃତ ହେଉଥିବା ଦେଖିଥିଲେ । ସେ ସେଠାରେ ଉତ୍ପାଦିତ ଫଳର ବଜାର ବିଷୟ ପଚାରି ବୁଝିଥିଲେ । ସେହିପରି କଣ୍ଟାବାହାଲ ଗ୍ରାମରେ ୱାଡ଼ି-ଡିଏମ୍ଏଫ୍‌ର ପାଣ୍ଠି ସହାୟତାରେ କରାଯାଉଥିବା ଲିଚି ଉଦ୍ୟାନ ଦେଖିଥିଲେ । ପ୍ରାୟ ୧ କୋଟି୨୩ ଲକ୍ଷ ଟଙ୍କା ବିନିଯୋଗରେ କରାଯାଇଥିବା ଏହି ଉଦ୍ୟମରେ ୨୨ଟି ଆଦିବାସୀ ହିତାଧିକାରୀ ଉପକୃତ ହେଉଥିବା ଜଣାପଡ଼ିଛି ।

# ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ଆଜି ଟ୍ରି ବ୍ୟାଙ୍କ ଓ ସିଡ୍ ବ୍ୟାଙ୍କ ଉଦଘାଟନ ଉତ୍ସବ

ଭୁବନେଶ୍ୱର ,୪/୦୮ (ନି.ପ୍ର): ପରିବେଶ ସୁରକ୍ଷା, ଉତାପ ବୃଦ୍ଧି, ଜଳବାୟୁ ପରିବର୍ତନ ଜନିତ ସମସ୍ୟାର ସମାଧାନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଆବଶ୍ୟକ । ମିଳିତ ଜାତିସଂଘର ଜଳବାୟୁ ପରିବର୍ତନ କମିଟି ଓ ଆମେରିକାର ସାଟେଲାଇଟ୍ ସଂସ୍ଥା ନାସାର ରିପୋର୍ଟ ଅନୁସାରେ ବିଶ୍ୱର ଅନେକ ସମୁଦ୍ର ତଟସ୍ଥ ସହର ଭାରତର ବମ୍ବେ, କୋଚି ଓ ଓଡ଼ିଶାର ପାରାଦ୍ୱୀପ ସହର ୨୦୨୨ ମସିହା ଶେଷ ସୁଦ୍ଧା ୫ ଫୁଟ ପାଣି ଭିତରେ ରହିବ । ଏହି ସମସ୍ୟାର ମୁଖ୍ୟ ସମାଧାନ ବ୍ୟାପକ ବୃକ୍ଷ ରୋପଣ କରିବା । ଅନେକ ବ୍ୟକ୍ତି ଗଛ ଲଗାଇବାକୁ ଚାହୁଁଥିଲେ ବି ସେମାନଙ୍କ ପାଖରେ ଜାଗା ଥିଲେ ମଧ୍ୟ ପାଖରେ ଲଗାଇବାକୁ ଗଛ ନାହିଁ । ସେହିପରି ଅନେକ ବ୍ୟକ୍ତି ଗଛ ଲଗାଇବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କ ପାଖରେ ଜାଗା ନାହିଁ । ତେଣୁ ଯେଉଁ ବ୍ୟକ୍ତି ଗଛ ନେବାକୁ ଚାହିଁବେ ଓ ଯେଉଁ ବ୍ୟକ୍ତି ଗଛ ଦେବାକୁ ଚାହିଁବେ, ସେମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ ପାଇଁ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ଆସନ୍ତା ତା ୦୫.୦୮.୨୦୨୨ରିଖ ଶୁକ୍ରବାର ଦିନ ଗୀତ ଗୋବିନ୍ଦ ସଦନ ଠାରେ ଟ୍ରି ବ୍ୟାଙ୍କ ଉଦ୍‌ଘାଟନ ହେବ । ଏଥି ସହିତ ଜାମୁ, ନିମ୍ବ, ଆମ୍ବ, ପଣସ ଆଦି ମଞ୍ଜି ଯେଉଁମାନେ ସଂଗ୍ରହ କରି ଦେବେ, ସେଥିପାଇଁ ସିଡ୍ ବ୍ୟାଙ୍କ ଉଦ୍‌ଘାଟିତ ହେବ । ଏ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଶ୍ରୀ ବିଚିତ୍ରାନନ୍ଦ ଖୁଂଟିଆ (ନିଲୁ) ବ୍ୟାଙ୍କ ମ୍ୟାନେଜର, ଫୋନ୍ ନଂ- ୯୪୩୮୦୮୦୦୧୩ କିମ୍ବା ୮୩୪୯୯୭୬୯୬୩ରେ ଯୋଗାଯୋଗ କରିବାକୁ ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

# ଆଜି ବି ହଜାରେ ତଳେ କରୋନା ପଜିଟିଭ୍

ଭୁବନେଶ୍ୱର,୪/୦୮ (ନି.ପ୍ର): ରାଜ୍ୟରେ ଦୈନିକ କରୋନା ସଂକ୍ରମଣ କମିଛି । ଆଜି ବି ଏହା ହଜାରେ ତଳକୁ ରହିଛି । ଗତକାଲି ୯୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୦୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୬୧ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧୫୭ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ରାଜ୍ୟର ୨୮ଟି ଜିଲ୍ଲାରୁ ୮୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୨୦ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ବରଗଡ଼ରୁ ୩୬, ଭଦ୍ରକରୁ ୮ ଜଣ, ବଲାଙ୍ଗୀରରୁ ୪୫ ଜଣ, ବୌଦ୍ଧରୁ ୬ ଜଣ, କଟକରୁ ୨୦ ଜଣ, ଦେବଗଡ଼ରୁ ୮ ଜଣ, ଢେଙ୍କାନାଳରୁ ୨, ଗଜପତିରୁ ୬ ଜଣ, ଗଞ୍ଜାମରୁ ୧୧, ଜଗତସିଂହପୁରରୁ ୫ ଜଣ, ଯାଜପୁରରୁ ୧୬ ଜଣ, ଝାରସୁଗୁଡ଼ାରୁ ୨୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୬୩ ଜଣ, କନ୍ଧମାଳରୁ ୮ ଜଣ, କେନ୍ଦ୍ରାପଡ଼ାରୁ ୬ ଜଣ, କେନ୍ଦୁଝରରୁ ୫, ଖୋର୍ଦ୍ଧା ଜିଲ୍ଲାରୁ ୧୪୦, କୋରାପୁଟ ଜିଲ୍ଲାରୁ ୬ ଜଣ, ମୟୂରଭଞ୍ଜରୁ ୫୯ ଜଣ, ନବରଙ୍ଗପୁରରୁ ୧୨ ଜଣ, ନୟାଗଡ଼ ଜିଲ୍ଲାରୁ ୨୧ ଜଣ, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୨ ଜଣ, ରାୟଗଡ଼ାରୁ ୧୪ ଜଣ, ସମ୍ବଲପୁରରୁ ୭୨ ଜଣ, ସୋନପୁରରୁ ୧୭ ଜଣ, ସୁନ୍ଦରଗଡ଼ରୁ ୨୨୦ ଜଣ ଓ ଷ୍ଟେଟପୁଲରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୧୬, ୪୭୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୦୦, ୯୫୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୬୩୨୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଆରପିଏଫ୍‌ର ଅପରେସନ୍ ଆହାଟ ମାଧ୍ୟମରେ ୧୫୧ ଜଣ ନାବାଳକ, ୩୨ ନାବାଳିକା ଉଦ୍ଧାର

ଭୁବନେଶ୍ୱର ,୪/୦୮ (ନି.ପ୍ର): କମାଣ୍ଡ ଏବଂ କଣ୍ଟ୍ରୋଲର ଏକ ଏକୀଭୂତ ସଂରଚନା ଅଧୀନରେ ଆରପିଏଫ୍ ଏକ ପ୍ୟାନ୍ ଇଣ୍ଡିଆ ପାଖରେ ପହଂଚିଛି । ବର୍ଷ ବର୍ଷ ଧରି, ଯାତ୍ରୀମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଆରପିଏଫ୍ ଏକ ଦକ୍ଷ ପ୍ରତିକ୍ରିୟା ପ୍ରଣାଳୀ ପ୍ରସ୍ତୁତ କରିଛି । ଗତ ୫ ବର୍ଷ ମଧ୍ୟରେ (୨୦୧୭, ୨୦୧୮, ୨୦୧୯, ୨୦୨୦ ଏବଂ ୨୦୨୧), ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ୬୫ ହଜାରରୁ ଅଧିକ ନାବାଳକ/ବାଳିକା, ବହୁ ମହିଳା ଏବଂ ପୁରୁଷଙ୍କୁ ଆରପିଏଫ୍ ଉଦ୍ଧାର କରିବା ବ୍ୟତୀତ ୨୧୭୮ ଜଣଙ୍କୁ ମାନବ ଚାଲାଣକାରୀଙ୍କ କବଳରୁ ଉଦ୍ଧାର କରିଛି । ଷ୍ଟେସନ ଏବଂ ଟ୍ରେନରେ ଆରପିଏଫ୍ ଏହାର ରଣନୀତିକ ସ୍ଥିତିକୁ ବୃଦ୍ଧି କରିବା ପାଇଁ, ଏହାର ପ୍ୟାନ୍ ଇଣ୍ଡିଆ ପହଞ୍ଚ ଏବଂ ପୋଲିସ୍ ତଥା ଅନ୍ୟାନ୍ୟ ସୁରକ୍ଷା/ନିରାପତା ସଂସ୍ଥାର ଅଂଟି ହ୍ୟୁମାନ୍ ଟ୍ରାଫିକ୍ ୟୁନିଟ୍ ର ପ୍ରୟାସକୁ ଖୋରାକ ଯୋଗାଇବା ପାଇଁ ନିକଟରେ ଆରପିଏଫ୍ ମାନବ ଚାଲାଣ ବିରୋଧରେ ଏକ ଅପରେସନ୍ ଆହାଟ କାର୍ଯ୍ୟକ୍ରମ ପ୍ରାରମ୍ଭ କରିଛି । ଏହି ପଦକ୍ଷେପର ଏକ ଅଂଶ ଭାବରେ, ଆରପିଏଫ୍ ନିକଟରେ ସାରା ଦେଶରେ ୭୫୦ ମାନବ ଚାଲାଣ ବିରୋଧୀ ୟୁନିଟ୍ ଗଠନ କରିଛି ଯାହା ପୋଲିସ୍, ଥାନା, ଜିଲ୍ଲା ତଥା ରାଜ୍ୟ ସ୍ତରରେ କାର୍ଯ୍ୟ କରୁଥିବା ମାନବ ଚାଲାଣ ବିରୋଧୀ ୟୁନିଟ୍ ଗୁଡ଼ିକ, ଇଣ୍ଟେଲିଜେନ୍ସ ୟୁନିଟ୍, ଏନଜିଓ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବ ଏବଂ ରେଳ ମାଧ୍ୟମରେ ମାନବ ଚାଲାଣ ଉପରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ସମ୍ପ୍ରତି ଆରପିଏଫ୍ ଏନଜିଓ ଆସୋସିଏସନ୍ ଅଫ୍ ଭଲୁଂଟାରୀ ଆକ୍ସନ୍, ଆଭା ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି ଯାହାକି ବଚପନ୍ ବଚାଓ ଆନ୍ଦୋଳନ ଭାବରେ ମଧ୍ୟ ଜଣାଶୁଣା ଯାହାକି ଆରପିଏଫ୍‌କୁ ତାଲିମ ସହିତ ଖୋରାକ ଯୋଗାଇବ ଏବଂ ଆରପିଏଫକୁ ମାନବ ଚାଲାଣ ସମ୍ବନ୍ଧୀୟ ତଥ୍ୟ ମଧ୍ୟ ଆଦାନ ପ୍ରଦାନ କରିବ ।

ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରୁ ଆରପିଏଫ୍ ୧୪୦ ନାବାଳକ ଏବଂ ୨୯ ନାବାଳିକାଙ୍କ ସମେତ ୧୬୯ ନାବାଳକ/ନାବାଳିକାଙ୍କୁ ଉଦ୍ଧାର କରିଛି । ଉପରୋକ୍ତ ନାବାଳକ/ନାବାଳିକାମାନେ ସେମାନଙ୍କ ଘରୁ ପଳାଇ ଆସିଥିଲେ କିମ୍ବା ନିଖୋଜ ଥିଲେ । ପୂର୍ବ ତଟ ରେଳପଥ ଆରପିଏଫ୍ ଦ୍ୱାରା ୫୧ ନାବାଳକ ଓ ୧୪ ନାବାଳିକା ସମେତ ୬୫ ନାବାଳକ/ନାବାଳିକା । ସେମାନଙ୍କ ଘରୁ ପଳାଇ ଆସିଥିଲେ ଏବଂ ୮୯ ନାବାଳକ ଓ ୧୫ ନାବାଳିକା ସମେତ ୧୦୪ ନାବାଳକ/ନାବାଳିକା ନିଖୋଜ ଥିଲେ । ଏହା ବ୍ୟତୀତ ଜୁଲାଇ ୨୦୨୨ ରେ ୦୨ ନାବାଳକଙ୍କୁ ମାନବ ଚାଲାଣକାରୀଙ୍କ କବଳରୁ ରେଳବାଇ ସୁରକ୍ଷା ବଳ ଦ୍ୱାରା ଉଦ୍ଧାର କରାଯାଇଛି ଏବଂ ଏହି ଘଟଣାରେ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି ।

ଏହି କାର୍ଯ୍ୟକ୍ରମକୁ ଆଗକୁ ବଢାଇବା ସହିତ ପ୍ରଭାବଶାଳୀ କରିବା ପାଇଁ ଗତ ଜୁଲାଇ ୨୦୨୨ ରେ ରେଳ ମାଧ୍ୟମରେ ମାନବ ଚାଲାଣ ବିରୋଧରେ ଏକ ମାସର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା ।ଗତ ଜୁଲାଇ ମାସରେ, ଅପରେସନ୍ ଆହାଟ (ଆହତ) ଅଧୀନରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ଭାରତୀୟ ରେଳବାଇ ୧୫୧ ନାବାଳକ ବାଳକ, ୩୨ ନାବାଳିକା (ସମୁଦାୟ ୧୮୩ ନାବାଳକ/ବାଳିକା) ଏବଂ ୩ ଜଣ ମହିଳାଙ୍କୁ ମାନବ ଚାଲାଣକାରୀଙ୍କ କବଳରୁ ଉଦ୍ଧାର କରିବା ସହିତ ୪୭ ଜଣ ମାନବ ଚାଲାଣକାରୀଙ୍କୁ ଗିରଫ କରିଛି ।

# ସାଗରିକା ପଟ୍ଟନାୟକ ହେଲେ ହାଉସିଂବୋର୍ଡର ପରିଚାଳନା ନିର୍ଦ୍ଦେଶକ




ଭୁବନେଶ୍ୱର ,୪/୦୮ (ନି.ପ୍ର): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ଆଇଆରପିଏସ୍ ଅଧିକାରୀ ସାଗରିକା ପଟ୍ଟନାୟକଙ୍କୁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଏହାସହ ସେ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱରେ ରହିବେ । ସେହିପରି ହାଉସିଂବୋର୍ଡର ପ୍ରଶାସନିକ ଅଧିକାରୀ ଆରାଧନା ଦାସଙ୍କୁ ମଧ୍ୟ ହାଉସିଂବୋର୍ଡର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।

## ରାଜ୍ୟର ୫ ଜିଲ୍ଲାରେ ସଂକ୍ରମଣ ହାର ଅଧିକ

ଭୁବନେଶ୍ୱର ,୪/୦୮ (ନି.ପ୍ର): ଦୈନିକ ସଂକ୍ରମଣ ବଢ଼ିବା ସହିତ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୪ ପ୍ରତିଶତ ବଢ଼ିଛି । ଗତ ୨୪ଘଣ୍ଟାରେ ୯୨୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାସହ ଏକାଧିକ ଜିଲ୍ଲାରେ ସଂକ୍ରମଣ ମଧ୍ୟ ବୃଦ୍ଧି ପାଇଛି । ବୌଦ୍ଧ, ସୋନପୁର, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼ରେ ସଂକ୍ରମଣ ହାର ଅଧିକ ରହିଛି । ଗତ ୨୪ ଘଣ୍ଟାରେ ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୨୫୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଧାରୁ ୧୩୩, ମୟୂରଭଞ୍ଜ ୪୮, ସମ୍ବଲପୁର ୬୮, ବରଗଡ଼ ୫୪, ବଲାଙ୍ଗୀର ୩୭, କଟକ ୩୬, ନୟାଗଡ଼ ୨୩ ଓ ଷ୍ଟେଟ୍ ପୁଲରୁ ୩୦ଜଣଙ୍କୁ ଚିହ୍ନଟ କରାଯାଇଛି । ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩,୧୫,୬୦୩କୁ ବୃଦ୍ଧି ପାଇଛି । ଅପରପକ୍ଷରେ କୋଭିଡ ମୃତ୍ୟୁ ସଂଖ୍ୟା ୯୧୪୨ରେ ସ୍ଥିର ରହିଛି । ଏହାସହ ଆଜି ରାଜ୍ୟରେ ୯୨୮ କୋଭିଡ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏବେ ରାଜ୍ୟରେ ୫୪୫୭ ଚିକିତ୍ସାଧୀନ ରୋଗୀ ରହିଛନ୍ତି । ସୁନ୍ଦରଗଡ଼ରେ ସର୍ବାଧିକ ୧୩୪୨ ଚିକିତ୍ସାଧୀନ ରୋଗୀ ରହିଛନ୍ତି ।

## ପୁଲିସ ବଳର ଆଧୁନିକୀକରଣ : ୨୦୨୨-୨୩ ବର୍ଷରେ ଓଡ଼ିଶା ନିମନ୍ତେ ୧୩.୯୧ କୋଟି

ଭୁବନେଶ୍ୱର ,୪/୦୮ (ନି.ପ୍ର): ଭାରତ ସରକାର ପୁଲିସ ବଳର ଆଧୁନିକୀକରଣ ବୃହତ ଯୋଜନା ଅଧୀନରେ ୧୫ଟି ଉପଯୋଜନା ଅନୁମୋଦନ କରିଛନ୍ତି । ୨୬, ୨୭୫ କୋଟି ଟଙ୍କା କେନ୍ଦ୍ରୀୟ ବ୍ୟୟ ଅଟକଳରେ ଏହି ଉପଯୋଜନାମାନ ପାଞ୍ଚ ବର୍ଷ ମଧ୍ୟରେ (୨୦୨୧-୨୨ରୁ ୨୦୨୫-୨୬) ତ୍ୱରାନ୍ୱିତ ହେବ । ଏହି ଉପଯୋଜନା ଅଧୀନରେ ଗୋଟିଏ ହେଲା, ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ପୁଲିସ ବଳର ଆଧୁନିକୀକରଣ ବାବଦ ସହାୟତା । ଯୋଜନା କାଳରେ ଏହାର ବ୍ୟୟବରାଦ ୪ ହଜାର ୮୪୬ କୋଟି ଟଙ୍କା ରଖାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଯୋଜନାରେ ଓଡିଶା ୧୩.୯୧ କୋଟି ଟଙ୍କା ସହାୟତା ପାଇବ । ପୁଲିସ ବଳର ଆଧୁନିକୀକରଣ ବୃହତ ଯୋଜନା ଅଧୀନରେ ଭାରତ ସରକାର ଅପରାଧ ବିଜ୍ଞାନ ସାମର୍ଥ୍ୟ ବୃଦ୍ଧି ପାଇଁ ମଧ୍ୟ ଆଧୁନିକ ଯୋଜନା ରଖିଛନ୍ତି । ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ବୈଷୟିକ ଜ୍ଞାନ ଉପଯୋଗ ତଥା ତାଲିମ ମାନବ ସମ୍ବଳ ଓ ପରୀକ୍ଷାଗାରରେ ଅତ୍ୟାଧୁନିକ ବ୍ୟବସ୍ଥା ଜରିଆରେ ସମୟୋଚିତ ତଦନ୍ତ କରିବା ଏହି ଉପଯୋଜନା ସହାୟତାର ଲକ୍ଷ୍ୟ । "ପୁଲିସ ବଳର ଆଧୁନିକୀକରଣ" ଭଳି ବୃହତ୍ ଯୋଜନା ଅଧୀନରେ ମାଦକଦ୍ରବ୍ୟ ନିୟନ୍ତ୍ରଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ପ୍ରଦାନ କରାଯାଉଥିବା ସହାୟତା ଯୋଜନା ଅବଧିକୁ ଆଉ ପାଞ୍ଚ ବର୍ଷ ଅର୍ଥାତ୍ ୨୦୨୧-୨୨ ରୁ ୨୦୨୫-୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ବାବଦରେ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

## ଯୁକ୍ତ୨କୁ ଉନ୍ନୀତ ହେବ ଶହେ ହାଇସ୍କୁଲ

ଭୁବନେଶ୍ୱର ,୪/୦୮ (ନି.ପ୍ର): ମାଟ୍ରିକ୍ ପରେ ଡ୍ରପ ଆଉଟ୍ ହାର ରୋକିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଡ଼ ପଦକ୍ଷେପ ନେବାକୁ ଯାଉଛି । ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ଶହେଟି ଉଚ୍ଚ ବିଦ୍ୟାଳୟ ତଥା ହାଇସ୍କୁଲକୁ ଯୁକ୍ତ୨ କଲେଜକୁ ଉନ୍ନୀତ କରାଯିବ । ରାଜ୍ୟର ଯେଉଁ ସବୁ ବ୍ଲକରେ ଯୁକ୍ତ୨ କଲେଜ ନାହିଁ ପ୍ରାରମ୍ଭିକ ପର୍ଯ୍ୟାୟରେ ସେଠାକାର ହାଇସ୍କୁଲଗୁଡ଼ିକୁ ଅପଗ୍ରେଡ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ଶ୍ରୀ ଦାଶ ଆହୁରି କହିଛନ୍ତି ଯେ ମାଟ୍ରିକ ପାସ ପରେ ବହୁ ଛାତ୍ରଛାତ୍ରୀ ପାଠପଢ଼ା ଛାଡ଼ି ଦେଉଛନ୍ତି । ନିଜ ଘର ନିକଟରେ ପଢ଼ିବା ଲାଗି ସୁବିଧା ନ ଥିବାରୁ ଏଭଳି ସମସ୍ୟା ହେଉଥିବା ନଜରକୁ ଆସିଛି । ବିଶେଷକରି ଝିଅମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଶହେ ହାଇସ୍କୁଲକୁ ଯୁକ୍ତ୨ କଲେଜକୁ ଉନ୍ନୀତ କରାଯାଇ ପାଠପଢ଼ାର ସୁଯୋଗ ଯୋଗାଇ ଦିଆଯିବ ।

## ଜଳେଶ୍ୱରରେ କରୋନାର ୩ ଆମିକ୍ରନ ଭେରିଏଣ୍ଟ ରୋଗୀ ଚିହ୍ନଟ

ଜଳେଶ୍ୱର, ୦୪/୮(ନି.ପ୍ର): ନିକଟରେ ଜଳେଶ୍ୱର ବ୍ଲକ ଅଂଚଳରେ ପ୍ରାୟ ୧୦୦ ଜଣ କରୋନା ଆକ୍ରାନ୍ତ ରୋଗୀଙ୍କୁ ଚିହ୍ନଟ କରାଯାଇଛି ବୋଲି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି । କିନ୍ତୁ ଏମାନଙ୍କ୍ତକ ମଧ୍ୟରୁ ୩ଜଣ ଅମିକ୍ରନ ଭେରିଏଣ୍ଟ ସଂକ୍ରମିତ ଥିବାରୁ ଜଣକୁ ବାଲେଶ୍ୱର ଚିକିତ୍ସା ଲାଗି ପଠାଯାଇଛି ।

## ବେଆଇନ କାଠ ବୋଝେଇ ପିକଅପ ଜବତ : ଜଣେ ଗିରଫ

ବାରିପଦା, ୦୪/୦୮ (ନି.ପ୍ର): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଂଜ ଅଧୀନ ଭଡରାନଣ୍ଡା ଠାରେ ଏକ ବେଆଇନ କାଠବୋଝେଇ ପିକଅପ ଭ୍ୟାନକୁ ଜବତ କରିଛି ବନବିଭାଗ । ରାସଗୋବିନ୍ଦପୁର ରେଂଜର ପ୍ରଶାନ୍ତ କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ତିନିଟା ବେଳେ ଓଡି-୧୧-ଏଚ-୪୩୪୯ ନମ୍ବର ବିଶିଷ୍ଟ ଏକ ବେଆଇନ କାଠ ବଝେଇ ପିକଅପ ଭ୍ୟାନ ଅମର୍ଦାରୁ ଚିତ୍ରଡା ଆଡ଼କୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ରେଂଜର ଶ୍ରୀ ବେହେରା ତାଙ୍କ ଟିମ ଫୋରେଷ୍ଟ ଗାର୍ଡ ଅଶୋକ କୁମାର ନାୟକ, ଫୋରେଷ୍ଟର ମନୋଜ କୁମାର ମୁର୍ମୁ ଉକ୍ତ ଗାଡିକୁ ଭଡରାନଣ୍ଡା ଠାରେ ଅଟକାଇ କାଠ ସହିତ ପିକଅପକୁ ଜବତ କରିଥିଲେ । କାଠର ଆନୁମାନିକ ମୂଲ୍ୟ ଚାଳିଶ ହଜାର ଟଙ୍କା ହେବ ବୋଲି ଜଣାଯାଇଥିବା ବେଳେ, ଡ୍ରାଇଭର ବାଦଲ ମହାନ୍ତଙ୍କୁ ଗିରଫ କରାଯାଇଛି ବୋଲି ସୂଚନା ମିଳିଛି ।

## ଦେଶରେ ଗୁରବାର ସୁଦ୍ଧା ଦିଆଗଲାଣି ୨୦୫ କୋଟିରୁ ଅଧିକ କରୋନା ଟିକା

ନୂଆଦିଲ୍ଲୀ, ୦୪/୦୮ : ଦେଶବ୍ୟାପି କରୋନା ଟୀକାକରଣ ଅଭିଯାନରେ ଗୁରବାର ସକାଳ ୮ ଟା ସୁଦ୍ଧା ୨୦୫ କୋଟି ୨୨ ଲକ୍ଷ ଟୀକା ଦେବା ସଂଖ୍ୟା ପାରି କରିସାରିଛି । ଗତ ୨୪ ଘଂଟାରେ ୩୮.୨୦ ଲକ୍ଷ ରୁ ଅଧିକ ଟିକା ଦିଆଯାଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଅନୁସାରେ ଗୁରବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ କରୋନା ବିରୋଧି ଟିକା ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୯୬.୬୪ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଛି ।

# ଚରମ୍ପା ବରିଷ୍ଠ ନାଗରିକ ସଂଘ ତରଫରୁ ଦ୍ରୌପଦୀ ମୁର୍ମୁଙ୍କୁ ଅଭିନନ୍ଦନ

ଭଦ୍ରକ,୦୪/୦୮ (ନି.ପ୍ର): ବୁଧବାର ଅପରାହ୍ଣ ୪ ଘଟିକା ସମୟରେ ବିଶ୍ୱନାଥ ଅଗ୍ରୱାଲା ଫାର୍ମ ହାଉସରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ଏକ ଅଭିନନ୍ଦନ ପୂର୍ବକ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ ଉଦ୍ଦେଶ୍ୟରେଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଘର ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସର୍ବପ୍ରଥମେ ଆମ ରାଷ୍ଟ୍ର ପ୍ରଥମ ଆଦିବାସୀ ମହିଳା ମହାମହିମ ରାଷ୍ଟ୍ରପତି ଭାବରେ ଶପଥ ନେଇ ଦେଶର ପ୍ରଗତି ଓ ବିକାଶ କ୍ଷେତ୍ରରେ ନୂତନ କାର୍ଯ୍ୟକ୍ରମମାନ ହାତକୁ ନେଇଥିବାରୁ ସଂଘର ସମସ୍ତ ସଭ୍ୟମାନେ ଆନନ୍ଦ ଉଲ୍ଲାସରେ ଆନନ୍ଦିତ ହୋଇ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ଦୀର୍ଘ ଜୀବନ କାମନା କରି ଏକ ବାର୍ତ୍ତା ପ୍ରେରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ରାଷ୍ଟ୍ରପତି



ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ସରଳତା, ପୁସ୍ତକପ୍ରେମ ଅଧ୍ୟାପନା ମାଧ୍ୟମରେ ଗୁଣାତ୍ମକ ଶିକ୍ଷାପ୍ରତି ଅତିବ ଆଗ୍ରହ ସାରା ଦେଶବାସୀଙ୍କ ପାଇଁ ଅନୁକରଣୀୟ ସମ୍ମୁଖିନ ଶକ୍ତି ଏବଂ ଅସୀମ ଧୈର୍ଯ୍ୟ ମଧ ତାଙ୍କର ସବୁଠାରୁ ବଡ ଆୟୁଧ। ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଏହି ଦୁଇ ଆୟୁଧକୁ ପାଥେୟ କରି ଏବଂ ସ୍ୱାତ୍ତିକ ଧୃତ୍ତିରେ କାର୍ଯ୍ୟରତ ରହି ସେ ଆଜି ରାଇରଙ୍ଗପୁର ଓଡ଼ିଶା ଓ ଭାରତକୁ ଗର୍ବିତ କରିଛନ୍ତି । ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପଦରେ ଅଳଙ୍କୃତ ହେବା କେବଳ ଚରମ୍ପା ବରିଷ୍ଠ ନାଗରିକ ସଂଘ କାହିଁକି ସାରା ଦେଶବାସୀଙ୍କୁ ଗୌରବାନ୍ୱିତ କରିଛି । ସମସ୍ତ ସଦସ୍ୟମାନେ ତାଙ୍କର ଜୀବନ ଦର୍ଶନ ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖି ଆନନ୍ଦିତ ହୋଇଥିଲେ। ଅନ୍ୟପକ୍ଷରେ ଅଗଷ୍ଟ ୧୫ ପାଳନ ପାଇଁ ପ୍ରସ୍ତୁତି ବୈଠକ ପାଳନ କରାଯାଇଛି । ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ସୁଦର୍ଶନ ବିଶ୍ୱାଳ, କଳାକାର ମିଶ୍ର, ବାବୁଲାଲ ଦାସ, ବରଦାପ୍ରସନ୍ନ ପଣ୍ଡା, ଗଣପତି ପାଣିଗ୍ରାହୀ, ନରସିଂହ ମିଶ୍ର, ବିଶ୍ୱନାଥ ବେହେରା, ଶଶିକାନ୍ତ ଧଳ, ଦୀନବନ୍ଧୁ ମହାରଣା, ଉପେନ୍ଦ୍ର ରାଉତ, ଦୟାନିଧି ପୁହାଣ, ପ୍ରଭାକର ଦାସ, ଉଦୟନାଥ ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ଉଦଳା, ୦୪/୦୮ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ରୂପେ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିଗଣିତ ହୁଏ । ୧୯୮୪ ମସିହା ଅଗଷ୍ଟ ମାସ ୩ ତାରିଖ ଦିନ ଉଦଳା ମହିଳା ମହାବିଦ୍ୟାଳୟ ନାମରେ ଏହା ସ୍ଥାପିତ ହୋଇଥିଲା । ତତକାଳିତ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଦେହାନ୍ତ ପରେ ଏହି ମହାବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ରଖାଗଲା । ଇତି ମଧ୍ୟରେ ଉକ୍ତ ମହାବିଦ୍ୟାଳୟକୁ ୩୮ ବର୍ଷ ପୁରି ଗଲାଣି । ତେବେ ଆଜିର ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ୰ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ପରେ



ମହାବିଦ୍ୟାଳୟ ସ୍ଥାପନରେ ଯେଉଁମାନେ ମୁଖ୍ୟ ଭୂମିକା ନେଇଥିଲେ ସେମାନଙ୍କୁ ମନେପକାଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ସଂଘର ସଭାପତି ଜୟଚନ୍ଦ୍ର ପତ୍ରୀ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗରପାଳ ଲକ୍ଷ୍ମୀକାନ୍ତ ବାରିକ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ପୂର୍ବତନ ବିଧାୟକ ୰ ରାବଣେଶ୍ୱର ମଢ଼େଇ ଓ ୰ ରୋହିଦାସ ସୋରେନ, ପ୍ରଭାତ ପରିଡ଼ା, ଉଦଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ୰ ରମେଶଚନ୍ଦ୍ର ଦାଶ ଇତ୍ୟାଦି ମହାବିଦ୍ୟାଳୟ ସ୍ଥାପନ ସମୟରେ ନେତୃତ୍ୱ ନେଇଥିବାରୁ ସମସ୍ତେ ସେମାନଙ୍କର ଅବଦାନକୁ ମନେ ପକାଇଥିଲେ । କ୍ଷୀରୋଦ ରଂଜନ ମହାନ୍ତି ମହାବିଦ୍ୟାଳୟର ରଜତ ଜୟନ୍ତି ଉତ୍ସବ କେମିତି ପାଳିତ ହୋଇଥିଲା ବର୍ଣ୍ଣନା କରିବା ସହିତ ମହାବିଦ୍ୟାଳୟ ସ୍ଥାପନରେ ଟାଉନ କ୍ଲବର ଭୂମିକା କେମିତି ଥିଲା ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ମଞ୍ଜୁଳା କଳିଆ, ଅମିତା ଦାସ, ଡ଼କ୍ଟର ସୁଷମା ସାହୁ, ସାଗରିକା ଷଣ୍ଢ, ନିରୁପମା ହୋତା, ରବିନାରାୟଣ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବ୍ଲକ ସ୍ତରୀୟ କୃମିନାଶକ ଆଭିମୁଖ୍ୟ ଶିବିର

ଜଳେଶ୍ୱର, ୦୪/୮(ନି.ପ୍ର): ରାଜ୍ୟ ଓ ଦେଶରୁ କୃମି ନିର୍ମୂଳ କରିବାଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବାରମ୍ବାର ପ୍ରଚେଷ୍ଟା ଜାରି ରହିଛି । ଚଳିତ ଅଗଷ୍ଟ ୧୨ ତାରିଖରେ ପ୍ରତିବିଦ୍ୟାଳୟରେ ଏହି କୃମି ନାଶକ ଔଷଧ ଦିଆଯିବାର ବ୍ୟବସ୍ଥା ଥିବାରୁ ଜଳେଶ୍ୱରରେ ଥିବା ୩୦୩ ବିଦ୍ୟାଳୟର ୪୫ହଜାର ଛାତ୍ରଛାତ୍ରୀଙ୍କୁ ଏକପାନ ବଟିକା ଦିଆଯିବାର ବ୍ୟବସ୍ଥା ସଂପର୍କରେ ଆଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଛି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକରେ ଥିବା ଅଂଗନୱାଡି କେନ୍ଦ୍ରର ୧ରୁ ୬ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ ଏକପାନ କୃମିନାଷକ ବଟିକା ଖାଇବାକୁ ଦିଆଯିବ । ସେହିପରି ୬ରୁ ୧୯ବର୍ଷର ଛାତ୍ରଛାତ୍ରୀ ପଢୁଥିବା ପ୍ରାଥମିକ ବିଦ୍ୟାଳୟରୁ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷକମାନଙ୍କ ଆଗରେ ୧ପାନ ଲେଖାଏ କୃମିନାଷକ ବଟିକା ଦିଆଯିବା ସଂପର୍କରେ ଆଜି ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଡା. ପ୍ରଭାସଚନ୍ଦ୍ର ନାୟକ ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଆଭିମୁଖ୍ୟ ସଂପର୍କରେ କହିଛନ୍ତି । ଯେଉଁଛାତ୍ରଛାତ୍ରୀମାନେ କୌଣସି କାରଣରୁ ଏହି ବଟିକା ଖାଇବେ ନାହିଁ ସେମାନଙ୍କୁ ୧୯ ତାରିଖରେ ଦିଆଯିବା ସଂପର୍କରେ କୁହାଯାଇଛି । ଏହି କାର୍ଯ୍ୟକ୍ରମ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଥିବା ବେଳେ ଡ. ପ୍ରଭାସ ନାୟକ, ପିଏଚ୍ଇଓ ଫକିରମୋହନ ପ୍ରଧାନ, ବିପିଏମ୍ ସ୍ମିତା ପ୍ରମାଣିକ, ଏବିଇଓ ସୁଶାନ୍ତ କୁମାର ଜେନା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ଉପସ୍ଥିତ ଥିଲେ । ପ୍ରତ୍ୟେକ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହି ଅଭିମୁଖ୍ୟ ସଂପର୍କରେ ତାଲିମ ଓ ସଚେତନ କରାଯାଇଛି ।

## ଭଂଜସେନା ପକ୍ଷରୁ ହସପିଟାଲ ସମ୍ମୁଖରେ ବିକ୍ଷୋଭ

ବାରିପଦା, ୦୪/୦୮ (ନି.ପ୍ର): ବିଗତ ୨ ଦିନ ତଳେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଦୁଇଜଣ ପ୍ରସୁତୀଙ୍କ ମୃତ୍ୟୁପରେ, ଯୁବଛାତ୍ର ସଂଗଠନ ଭଂଜସେନା ପକ୍ଷରୁ ଆଜି ହସପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମେଡିକାଲ କଲେଜ ଦାୟିତ୍ୱରେ ଥିବା ଅନଭିଜ୍ଞ ସୁପରିନଟେଣ୍ଡେଟ, ବେପାରୀ ମନବୃତି ଥିବା ପ୍ରଫେସର, ଡାକ୍ତର ଓ କର୍ମଚାରୀ ମାନଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଆଦିବାସୀ ବହୁଳ ମୟୁରଭଂଜ ଜିଲ୍ଲାର ବହୁ ଲୋକ ମୃତ୍ୟୁ ମୁଖରେ ପଡିବା ସହିତ ପ୍ରତ୍ୟେକ ଦିନ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଏବଂ ରାଜ୍ୟ ସରକାର ଓ ମୟୁରଭଂଜ ଜିଲ୍ଲା ପ୍ରଶାସନ ସବୁ ଜାଣିଶୁଣି ମଧ କୌଣସି କଥାରେ ହସ୍ତକ୍ଷେପ କରୁନଥିବାର ଅଭିଯୋଗ କରି । ଭଂଜସେନା ପକ୍ଷରୁ ତୁରନ୍ତ ମେଡିକାଲ କଲେଜର ସୁପାରିଟେଣ୍ଡେଟଙ୍କୁ ଏଠାରୁ ବଦଳି କରିବା, ମେଡିକାଲ କଲେଜରେ କାର୍ଯ୍ୟରତ ପ୍ରଫେସର, ଡାକ୍ତର ଓ କର୍ମଚାରୀ ମାନଙ୍କୁ ସାଧାରଣ ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବା ଦାବୀ ନେଇ ଆଜି ପୂର୍ବାହ୍ନରେ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର, କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତି,ଏମଡି ନାଜିର, ରାକେଶ ମହାନ୍ତି, ମୁଖପାତ୍ର ମାନସ ବେହେରା ପ୍ରମୁଖଙ୍କ ସହ ଶତାଧିକ ଯୁବ ଛାତ୍ର କର୍ମୀ ଉପସ୍ଥିତ ଥିଲେ ।

## ରାଜ୍ୟରେ କରୋନାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ଦୁଇ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ମୃତ୍ୟୁର ଅଡିଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୪୦ ବର୍ଷୀୟା ମହିଳାଙ୍କର କରୋନାରେ ମୃତ୍ୟୁ ଘଟିଛି । ସେହିପରି କଟକ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସାମାନ୍ୟ ବଚସାରୁ ମାଆ-ଝିଅଙ୍କ....

୫୩ ନମ୍ବର ଜାତୀୟ ରାଜପଥ । ବୁଧବାର ପ୍ରାୟ ସଂଧ୍ୟା ୫ଟା । କେନ୍ଦ୍ରାପଡ଼ାରେ ଏକ ଶୁଦ୍ଧକ୍ରିୟା ସାରି ଫେରୁଥିଲେ ସୁକିନ୍ଦା ଅଞ୍ଚଳର ଅଶୋକ ଚକ୍ରବର୍ତ୍ତୀଙ୍କ ପତ୍ନୀ ଶ୍ରିତିକା ଓ ତାଙ୍କ ଝିଅ ସୋନାଲି ଚକ୍ରବର୍ତ୍ତୀ । ମାଆ-ଝିଅ ସ୍କୁଟିରେ ଫେରୁଥିବା ବେଳେ ଚଣ୍ଡିଖୋଲରୁ ତାଙ୍କୁ ପିଛା କରିଥିଲା ଏକ ଟ୍ରକ । ବିଭିନ୍ନ ପ୍ରକାର ଅଶ୍ଳୀଳ ଇଙ୍ଗିତ ମଧ ଦେଉଥିଲା ଟ୍ରକ ଡ୍ରାଇଭର ଅମର ସ୍ୱାଇଁ । ଡ୍ରାଇଭରର ଆଚରଣକୁ ପ୍ରତିବାଦ କରି ଆରୁହା ନିକଟରେ ଟ୍ରକକୁ ଅଟକାଇ ଥିଲେ ମାଆ-ଝିଅ । ସ୍କୁଟିକୁ ଟ୍ରକ ଆଗରେ ରଖି ଡ୍ରାଇଭର ଅମର ସ୍ୱାଇଁଙ୍କ ଉପରକୁ ଜୋତା ଫିଙ୍ଗିଥିଲେ ସୋନାଲି । ଉଭୟ ମାଆ-ଝିଅ ଡ୍ରାଇଭରକୁ ମାଡ଼ ମାରିବା ସହ ମୋବାଇଲରେ ତାର ଫଟୋ ଉଠାଇଥିଲେ । ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁଁ ଚୁପ୍ ରହି ଯାଇଥିଲା ଡ୍ରାଇଭର ଅମର ସ୍ୱାଇଁ । ହେଲେ ତା ମନରେ ଜଳୁଥିଲା ପ୍ରତିହିଂସାର ନିଆଁ । ରାଗରେ ରକ୍ତ ଚାଉଳ ଚୋବାଉଥିଲା ଅମର । କଥା କଟାକଟି ବେଳେ ଧମକ ମଧ ଦେଇଥିଲା, ମାଆ-ଝିଅଙ୍କୁ ମାରି ନଈରେ ଫିଙ୍ଗି ଦେବ । ସେତେବେଳେ ଏହି କଥାକୁ କେହି ଗୁରୁତ୍ୱ ଦେଇନଥିଲେ । ଏପରିକି ମାଆ ଶ୍ରିତିକା-ଝିଅ ସୋନାଲି ମଧ ସେମାନଙ୍କ ଘରକୁ ସ୍କୁଟିରେ ଚାଲି ଯାଇଥିଲେ । କାହାରିକୁ ଜଣାନଥିଲା, ମୃତ୍ୟୁ ସେମାନଙ୍କୁ ପିଛା କରୁଛି । ଅଭିଯୁକ୍ତ ଡ୍ରାଇଭର ଅମର ସ୍ୱାଇଁ ମାଆ-ଝିଅଙ୍କ ସହ ପାଟିତୁଣ୍ଡ ହେବା ପରେ ପ୍ରତିଶୋଧ ନେବା ପାଇଁ ମାତ୍ର କେଇ ମିନିଟ ଭିତରେ ରଚିଥିଲା ଭୟଙ୍କର ଷଡ଼ଯନ୍ତ୍ର । ଶ୍ରିତିକା ଓ ସୋନାଲି ଯାଉଥିବା ସ୍କୁଟିକୁ ଟ୍ରକରେ ପିଛା କଲା ଅମର । ସେମାନଙ୍କ ଟପି ଯାଇ ସୁରକ୍ଷିତ ସ୍ଥାନରେ ଅପେକ୍ଷା କଲା । ସ୍କୁଟି ଆଗକୁ ଯିବା ମାତ୍ରେ ବାଁ ପଟେ ସେମାନଙ୍କ ଉପରକୁ ଚଢ଼ାଇଦେଲା ଟ୍ରକ । ଚାହୁଁ ଚାହୁଁ ଦୁଇ ଜଣ ରାସ୍ତାର ଆରପଟେ ଛଟିକି ପଡ଼ିଲେ । ଚୁରମାର ହୋଇଗଲା ସ୍କୁଟି । ମାଆ-ଝିଅଙ୍କୁ ହତ୍ୟା କରି ଟ୍ରକକୁ ଆଗକୁ ନେଇ ଓଲଟାଇ ଦେଲା ଅମର । ଦୁର୍ଘଟଣାର ରୂପ ଦେବା ପାଇଁ କରିଥିଲା ଯୋଜନା । ସତ କିନ୍ତୁ ଲୁଚି ରହିନଥିଲା । ଡ୍ରାଇଭର ଅମର ସ୍ୱାଇଁକୁ ଗିରଫ କରିଛି ଜେନାପୁର ପୁଲିସ । ବଡ଼ଚଣା ଡାକ୍ତରଖାନାରେ ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ସେମାନଙ୍କ ଅନ୍ତିମ ସତ୍କାର କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ନରହନ୍ତା ଡ୍ରାଇଭର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଲୋକେ ।

## ବଙ୍ଗୋପ ସାଗରରେ ୭ରେ....

ଦିଆଯାଇଛା । ପାଣିପାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏହା ପୂର୍ବରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା, ପବନ ସହ ଲାଗିରହିବ। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଜିଲ୍ଲାଗୁଡ଼ିକରେ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ୨୦ଟି ଜିଲ୍ଲାର ଅନେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା, ପବନ ହେବାର ସମ୍ଭାବନା ରହିଛି ବୋଲି ଆଜି ଅପରାହ୍ନରେ ସତର୍କ ସୂଚନା ଦିଆ ଯାଇଛି । ଶୁକ୍ରବାର ମଧାହ୍ନ ସୁଦ୍ଧା ରାଜ୍ୟର ଯେଉଁ ଜିଲ୍ଲା ମାନଙ୍କରେ ଗୋଟିଏ ଦୁଇଟି ସ୍ଛାନ ପାଇଁ ସତର୍କ ସୂଚନା ଦିଆଯାଇଛି ସେଗୁଡିକ ହେଲା ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଓ ଅନ୍ୟତମ । ଏହି ସମୟରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ କାଳବୈଶାଖୀ ସମୟରେ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେବା ସହ ଏହି ୨୦ଟି ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରୀ କରାଯାଇଛି ।

## ସରକାର ଲଗାଇଲେ ୫% ଜିଏସଟି....

ସମେତ ପ୍ୟାକେଟ ଦହି ମଧ ବିକ୍ରି କରୁଛନ୍ତି । ଏହି କମ୍ପାନୀମାନଙ୍କ ମଧ୍ୟରୁ ବ୍ରିଟାନିଆ ସବୁଠାରୁ ଆଗରେ ରହିଛି । କମ୍ପାନୀ ତରଫରୁ ଭାରତୀୟ ବଜାରରେ ୮୦ ଗ୍ରାମରୁ ଆରମ୍ଭ କରି ୪୦୦ ଗ୍ରାମ ପର୍ଯ୍ୟନ୍ତ ପ୍ୟାକେଟ ଦହି ବିକ୍ରି କରୁଛି । ବ୍ରିଟାନିଆର ୮୦ ଗ୍ରାମ ପ୍ୟାକେଟ ଦହି ଜିଏସଟି ଲାଗୁ ହେବା ପୂର୍ବରୁ ୧୦ ଟଙ୍କାରେ ବିକ୍ରି ହେଉଥିଲା । ୫ ପ୍ରତିଶତ ଜିଏସଟି ଯୋଡାଗଲେ ଏହାର ଦାମ ୧୦ ଟଙ୍କା ୫୦ ପଇସା ହେବା କଥା । ହେଲେ ଜିଏସଟି ଆଳରେ କମ୍ପାନୀ ଏବେ ୮୦ ଗ୍ରାମର ଦହି ପ୍ୟାକେଟକୁ ୧୫ ଟଙ୍କାରେ ବିକ୍ରି କରୁଛି । ଏହାର ସିଧା ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି । କେବଳ ବ୍ରିଟାନିଆ ନୁହେଁ ସୁଧା କମ୍ପାନୀ ପକ୍ଷରୁ ୧୫୦ ମିଲିଗ୍ରାମର ଲସି ପ୍ରଥମେ ୧୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୧୨ ଟଙ୍କା ହୋଇଛି । ସେହିଭଳି ମେଙ୍ଗୋ କମ୍ପାନୀର ୧୫୦ ଗ୍ରମା ପ୍ୟାକେଟ ଲସି ୧୦ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି ପାଇଛି । ଏସବୁ ଉପରେ ସରକାର ନଜର ଦେବାକୁ ଖାଉଟିମାନେ ଦାବି କରିଛନ୍ତି ।

# ରାଜ୍ୟସଭାରେ ପାରିତ ହେଲା ଫ୍ୟାମିଲି କୋର୍ଟ ବିଲ

ନୂଆଦିଲ୍ଲୀ, ୦୪/୦୮ : ଗୁରୁବାର ଦିନ ରାଜ୍ୟସଭାରେ 'ଫ୍ୟାମିଲି କୋର୍ଟ' (ସଂଶୋଧନ) ବିଧେୟକ ୨୦୨୨ ପାରିତ ହୋଇଛି । ୨୦୧୯ ଫେବୃଆରୀ ୧୫ ତାରିଖରୁ ହିମାଚଳ ପ୍ରଦେଶରେ 'ଫ୍ୟାମିଲି କୋର୍ଟ' ସ୍ଥାପିତ କରିବା ପାଇଁ ଫ୍ୟାମିଲି କୋର୍ଟ ଆକ୍ଟ ୧୯୮୪ ର ସଂଶୋଧନ କରିବାକୁ ଦାବି କରାଯାଉଥିଲା । ଏହି ବିଧେୟକ ନାଗାଲାଣ୍ଡରେ ୨୦୦୮ ସେପ୍ଟେମ୍ବର ୧୨ ତାରିଖରୁ କାର୍ଯ୍ୟକାରୀ ହେଉଛି । କେନ୍ଦ୍ରମନ୍ତ୍ରୀ କିରଣ ରିଜ୍ଜୁଙ୍କ ଦ୍ୱାରା ଏହି ବିଲ ରାଜ୍ୟସଭାରେ ଉପସ୍ଥାପିତ କରାଯାଇଥିଲା । କେନ୍ଦ୍ରୀୟ ଯାଂଚ ଏଜେନ୍ସିକୁ କେନ୍ଦ୍ର ସରକାର ଦୂରୋପଯୋଗ କରୁଥିବା ନେଇ ସଂସଦରେ ହୋ ହାଲ୍ଲା ଚାଲିଥିବା ବେଳେ ଏହି ବିଧେୟକ ଧ୍ୱନୀମତରେ ପାରିତ କରାଯାଇଛି । ପାରିତ ହୋଇଥିବା ବିଧେୟକ ମୁତାବକ ୧୯୮୪ ମସିହାରୁ ପ୍ରଚଳିତ ସଂଶୋଧନ କରାଯିବ । ଏହି ଆଇନ ବଳରେ ରାଜ୍ୟ ସରକାରମାନଙ୍କୁ ଫ୍ୟାମିଲି କୋର୍ଟ ସ୍ଥାପନ କରିବାକୁ ଅନୁମତି ମିଳିବ । ସଂଶୋଧିତ ଆଇନ ମୁତାବକ ଅନେକ ରାଜ୍ୟରେ ଏହି ଆଇନ ପ୍ରଣୟନ ତାରିଖକୁ ସୂଚିତ କରିବାର କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ରହିଛି । ସେପଟେ ହିମାଚଳ ପ୍ରଦେଶ ଓ ନାଗାଲାଣ୍ଡ ସରକାର ଏହି ଆଇନ ମୁତାବକ ସେମାନଙ୍କ ରାଜ୍ୟରେ ପାରିବାରିକ କୋର୍ଟ ଗଠନ କରିଛନ୍ତି । ତେବେ କେନ୍ଦ୍ର ସରକାର ଏହି ଆଇନ ପ୍ରୟୋଗକୁ ସଂପୃକ୍ତ ରାଜ୍ୟଗୁଡିକ ବୃଦ୍ଧି କରିନାହାଁନ୍ତି ।

# ଖୋର୍ଦ୍ଧା ବିକାଶ ମଞ୍ଚ ଆବାହକ ନରେନ୍ଦ୍ର ପୃଷ୍ଟି ଆହ୍ୱାନରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ

ଖୋର୍ଦ୍ଧା,୦୪/୦୮ (ନି.ପ୍ର): ଖୋର୍ଦ୍ଧା ବିକାଶମଞ୍ଚ ଆବାହକ ଶ୍ରୀଯୁକ୍ତ ନରେନ୍ଦ୍ର ପୃଷ୍ଟି ଦ୍ୱାରା ଏକ ଶୋଭା ଯାତ୍ରା କରି, ନୂଆ ବସଷ୍ଟାଣ୍ଡ ଠାରୁ ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଯାଇ ଏକ ଦାବୀ ପତ୍ର ଦେଇଥିଲେ । ଖୋର୍ଦ୍ଧା ସହରରେ (ପୌରପରିଷଦ) ଶୌଚାଳୟ ନାହିଁ। ଯେଉଁ ଦୁଇଟି ଶୌଚାଳୟ ଥିଲା ତାହା ରକ୍ଷେନା ବେକ୍ଷଣା ଯୋଗୁ ଭଙ୍ଗୀ ଯାଇ ରାସ୍ତା ଦୁର୍ଗନ୍ଧ ହେଉଛି। ବହୁବାର ବିଭିନ୍ନ କାଗଜରେ ପ୍ରକାଶ ପାଇଛି,। ବିଶେଷ ଭାବେ ସାପ୍ତାହିକ ବଜ୍ରକିଳା ସମାଲୋଚନା ପତ୍ରିକା ବହୁବାର ପ୍ରକାଶ କରିଛନ୍ତି । ଏହାର ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ପୂର୍ବତନ ଜିଲ୍ଲାପାଳ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ପାଳ ଓ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱ ଥିବା ଉପ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଗୌରବ ଶିବାଜୀ, ଜିଲ୍ଲା ଗ୍ରାମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିଗନ୍ତ ରାଉତରାୟ ଓ ବିଧାୟେକ ଜିତୁ ମିତ୍ର ଥାଇ ସଭାରେ କହି ଓ ହାତରେ ଲେଖି ଦେଇ ଶୀଘ୍ର ଶୌଚାଳୟ ହେଉ ଦାବି ହାତ ଲେଖା କାଗଜ ଦେଇଥିଲେ । ଏହି ସଭାରେ ଖୋର୍ଦ୍ଧା ବିକାଶ ମଂଚ ଆବାହକ ତାଙ୍କ କମିଟି ସଭ୍ୟ ଓ ଖୋର୍ଦ୍ଧା କଳିଙ୍ଗ ପାଇକ ସଂଘ, ସମସ୍ତ ମିଡିଆ ବନ୍ଧୁ, ବହୁ ବୁଦ୍ଧି ଯିବି ପୁରୁଷର ମହିଳା, ପୌରପାଳିକା ସମସ୍ତ କର୍ମଚାରୀ, ଖୋର୍ଦ୍ଧା ଜିଲ୍ଲା ବିଡ଼ିଓ, ତହସିଲଦାର ମାନେ, ଉପଜିଲ୍ଲାପାଳ ଖୋର୍ଦ୍ଧା ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ ସମସ୍ତ ଡେପୁଟି କଲେକ୍ଟର, ସଂସ୍କୃତି ଅଧିକାରୀ, ପର୍ଯ୍ୟଟନ ଅଧିକାରୀ, ନୂତନ ଭାବେ ଯୋଗ ଦେଇଥିବା ଲୋକ ସମ୍ପର୍କ ସୁଚନା ଅଧିକାରୀ ଜିତେନ୍ଦ୍ରିୟ ଜେନା, ମହିଳା ସ୍ୱୟଂ ସେବିକା ସଙ୍ଘମାନେ, ଖୋର୍ଦ୍ଧାପୌରାଦକ୍ଷ, ସମସ୍ତ କାଉନସିଲର ଥିଲେ।

# ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ରକ୍ତଦାନ ଶିବିର

ନୀଳଗିରି, ୦୪/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ଆହ୍ୱାନରେ ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଅବସରରେ ଏବଂ ଜିଲ୍ଲା ବିଜେଡି ସଭାପତି ରବୀନ୍ଦ୍ର ଜେନାଙ୍କ ଶୁଭ ଜନ୍ମଦିନ ଅବସରରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ବିଜୁ ଯୁବ ଜନତା ଦଳ , ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ମିଳିତ ଆନୁକୂଲ୍ୟରେ ପଂଚାୟତ ସଭାପତି କପିଳ ସାମଲ ଙ୍କ ନେତୃତ୍ୱରେ ବିଶାଳ ରକ୍ତଦାନ ଶିବିର ସନ୍ତରାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ । ରକ୍ତ ଦାନ ଶିବିରରେ ନୀଳଗିରି ନିର୍ବାଚନ ମଣ୍ଡଳୀର ନେତା ସନ୍ତୋଷ ଖଟୁଆ ଉଦ୍‌ଘାଟନ କରିଥିଲେ । ଶିବିରରେମୋଟ ୩୬ୟୁନିଟ୍ ରକ୍ତ ସଂଗୃହିତ କରାଯାଇଥିଲା । କର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୧୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ନାରୀ ନେତ୍ରୀ ଶ୍ରଦ୍ଧାଞ୍ଜଳି ଜେନା, ଔପଦା ବ୍ଲକ ବିଜେଡି ସଭାପତି ବିଜୟ କୁମାର ପ୍ରଧାନ, ଜିଲ୍ଲା ଯୁବ ସାଧାରଣ ସଂପାଦକ ବିସ୍ମୟ ମଲିକ, ସାଧାରଣ ସଂପାଦକ ବିମଳ କୁମାର ଦଳେଇ, ବ୍ଲକ ଯୁବ ସାଧାରଣ ସଂପାଦକ ଦୟାନିଧି ପ୍ରଧାନ, ଦକ୍ଷିଣନରସିଂହପୁର ପଂଚାୟତ ଯୁବ ସଭାପତି କାର୍ତ୍ତିକ ପୁଥାଳ, ପଂଚାୟତ କାର୍ଯ୍ୟକାରି ସଭାପତି କମଳାକାନ୍ତ ପରିଡ଼ା, ମହିଳା ଉପସଭାପତି କବିତା ସାହୁ, ମଂଜୁଲତା ରଣା, ବିଜେଡି କର୍ମୀ ଲକ୍ଷ୍ମୀଧର ପଣ୍ଡା, ବାବୁଲି ବାରିକ, ଗଙ୍ଗାଧର ବେହେରା, ଲକ୍ଷ୍ମଣ ମହାନ୍ତି, ବଳରାମ ମହାରଣା, ବାପୁଗୋ ସ୍ୱାମୀ, ତପନ ମହାଳିକ, ରମାକାନ୍ତ ମଲିକ, ଙ୍କ ସହ ବହୁ ବରିଷ୍ଠ ନେତା ଯୋଗଦାନ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ଭୋଟର ପରିଚୟପତ୍ର-ଆଧାର ସଂଯୋଗୀକରଣ ସମ୍ପର୍କିତ ବୈଠକ

ବାଲେଶ୍ୱର,୦୪/୦୮ (ନି.ପ୍ର): ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ ସମ୍ପର୍କିତ ଏକ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଅଧ୍ୟକ୍ଷତା କରିବା ସହ କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟ ଦ୍ୱାରା ଜନପ୍ରତିନିଧି ଅଧିନିୟମ-୧୯୫୦/୫୧ରେ କେତେକ ସଂଶୋଧନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ନିର୍ବାଚନ ଅଧିକାରୀ ସ୍ୱାଗତିକା ଦାସ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପଞ୍ଜୀକରଣ ଫର୍ମରେ କରାଯାଇଥିବା ସଂଶୋଧନ ସମ୍ପର୍କରେ ଏହି




ବୈଠକରେ ଅବଗତ କରାଯାଇଥିଲା । ଏହି ଅବସରରେ ନୂତନ ରୂପାନ୍ତରିତ ପଞ୍ଜୀକରଣ ଫର୍ମର ଉନ୍ମୋଚନ କରାଯିବା ସହିତ ୨୦୨୨ ମସିହା ଅଗଷ୍ଟ ୧ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିବା ନେଇ ସୂଚନା ଦିଆଯାଇଥିଲା । ପରିବର୍ତ୍ତିତ ବ୍ୟବସ୍ଥାରେ ଫର୍ମ ନଂ-୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯିବାକୁ ଥିବା ବେଳେ ଭୋଟର ତାଲିକାରୁ ନାମ ବାଦ ଦେବା କିମ୍ବା ନାମ ଅନ୍ତର୍ଭୁକ୍ତ ଜନିତ ଆପତ୍ତି-ଅଭିଯୋଗ ପାଇଁ ଫର୍ମ ନଂ-୭ରେ ଆବେଦନ କରିହେବ । ସମ୍ପ୍ରତି ଫର୍ମ-୭ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯିବ । ସେହିପରି ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ, ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ ଏବଂ ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଫର୍ମ ନଂ-୮କୁ ଲୋକେ ବ୍ୟବହାର କରିବେ। ଜନପ୍ରତିନିଧି ଅଧିନିୟମ-୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ। ଏଥି ନିମନ୍ତେ ନିର୍ବାଚନ ପଞ୍ଜୀକରଣ ଆଇନ-୧୯୬୦ରେ ସଂଶୋଧନ କରାଯାଇଛି । ତା ୧/୪/୨୦୨୩ ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ। ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି । ଏହି ଫର୍ମ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବଧ ହେବ । ବୁଥସ୍ତରୀୟ ଅଧିକାରୀମାନେ ପ୍ରତି ଶନିବାର ଦିନ ବୁଥରେ ଉପସ୍ଥିତ ରହି ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ ଲାଗି ତଥ୍ୟ ସଂଗ୍ରହ କରିବେ। ଉଲ୍ଲେଖନୀୟ ବିଷୟ ହେଲା ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଗୋଟିଏ ଯୋଗ୍ୟତାସୂଚକ ତାରିଖ ପରିବର୍ତ୍ତେ ୪ ଗୋଟି ଯୋଗ୍ୟତାସୂଚକ ତାରିଖ ଯଥା ଜାନୁଆରୀ ୧ତାରିଖ, ଅପ୍ରେଲ ୧ତାରିଖ, ଜୁଲାଇ ୧ତାରିଖ ଏବଂ ଅକ୍ଟୋବର ୧ତାରିଖ ରଖାଯାଇଛି । ଉପରୋକ୍ତ ତାରିଖମାନଙ୍କ ମଧ୍ୟରୁ ଯେ କୌଣସି ତାରିଖରେ ୧୮ ବର୍ଷ ବୟସ ହେଉଥିଲେ ଯୁବକ-ଯୁବତୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ ।

# ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୦୪/୦୮ (ନି.ପ୍ର): ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ନବ ନିର୍ବାଚିତ ସଭାପତି ଆଇନଜୀବୀ ସୂର୍ଯ୍ୟକାନ୍ତ କର ଗୁରୁବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀ କର ସମସ୍ତଙ୍କ ସହ ଆଲୋଚନା କରି ବ୍ୟାଙ୍କର ପ୍ରତିଟି କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା ସହ ଗ୍ରାହକ ସେବାକୁ ଅଗ୍ରାଧିକାର ଦେବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ବ୍ୟାଙ୍ଗରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ଏକ ଟିମ ଭାବେ ଉତ୍ସାହର ସହ କାର୍ଯ୍ୟ କରବାଚୁ ସେ ସମସ୍ତଙ୍କୁ କହିଥିଲେ। ପିତୃ ବିୟୋଗ ଯୋଗୁଁ ତାଙ୍କର ଦାୟତ୍ୱ ଗ୍ରହଣରେ କିଛିଟା ବିଳମ୍ବ ହୋଇଥିବା ସେ ସୂଚନା ଦେଇଥିଲେ। ଜଣେ ଟ୍ୟାକ୍ସବାର ଓକିଲ ଭାବେ ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ଥିବା ଦୀର୍ଘଦିର ଅଭିଜ୍ଞତାକୁ ଭିତ୍ତି କରି ଅର୍ବାନ କୋ-ଅପରେଟିଭ ବ୍ୟାଙ୍କରେ ଶ୍ରେଷ୍ଠ ପ୍ରଦର୍ଶନ ସହ ସଭାପତି ପଦର ଗରିମା ରକ୍ଷା କରିବି ବୋଲି ଶ୍ରୀ କର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ ପ୍ରମୁଖ ଏହି ଦାୟିତ୍ୱ ଗହଣ ଉତ୍ସବରେ ଯୋଗଦେଇ ଶ୍ରୀ କରଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତରୋତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିମନ ଦାସମହାପାତ୍ର, କାଉନସିଲର ସଞ୍ଜୀବ ଦାସ, ମୀନା ମହାନ୍ତି, ରଞ୍ଜିତା ମହାପାତ୍ର ଓ ସଂଧ୍ୟାରାଣୀ ଜେନା, ରଶ୍ମି ଦାସ, ମନୋଜ ରାଉତ, ଭାଗବତ ସାହୁ, ମିନତୀ ସେଠୀ, ସ୍ୱାଗତିକା ବାରିକ, ଅସିତ ଦାସ, ଶମ୍ଭୁ ସିଂ, ଗୀତାଞ୍ଜଳି ପଟ୍ଟନାୟକ ଏଥିରେ ଉପସ୍ଥିତ ଥିଲେ।

# ଡୁଙ୍ଗୁରା ବଜାରରେ ସଶସ୍ତ୍ର ଡକାୟତି, କିଓସ୍କୋ ମାଲିକଙ୍କ ଠାରୁ ୯ଲକ୍ଷ ଲୁଟ



ଖଇରା, ୦୪/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡୁଙ୍ଗୁରା ବଜାରରେ ଥିବା ଏକ କିଓସ୍କୋ ବ୍ୟାଙ୍କ ମାଲିକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ୫ଜଣ ଯୁବକ ୯ଲକ୍ଷ ୩୦ଟଙ୍କା ଲୁଟି ନେଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଖଇରା ପୋଲିସ ସିସିଟିଭି ଫୁଟେଜ ଆଧାରରେ ଝିଙ୍କିରିଆ ପଞ୍ଚାୟତ ଗଗନଧୁଳି ଗ୍ରାମର ଆଦିତ୍ୟ ସେଠୀ ନାମକ ଯୁବକକୁ ଥାନାରେ ଅଟକ ରଖିବା ସହ ଅନ୍ୟ ମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି । ଡୁଙ୍ଗୁରା ପଞ୍ଚାୟତ ର ସମିତି ସଭ୍ୟ ଶିଶିର ସାମଲ ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ରାକେଶଙ୍କର ଡୁଙ୍ଗୁରା ବଜାରରେ କିଓସ୍କୋ ବ୍ୟାଙ୍କ ରହିଛି । ଗୁରୁବାର ସକାଳ ସାଢେ ୮ଟା ସମୟରେ ରାକେଶ ମେଡିକାଲ ନିକଟସ୍ଥ ବାସଭବନରୁ ବହାରି ଟଙ୍କାଥିବା ବ୍ୟାଗ ଧରି ବ୍ୟାଙ୍କ କାର୍ଯ୍ୟାଳୟକୁ ଯାଉଥିଲେ । ଏହି ସମୟରେ କୋଭିଡ ଟିକା ପାଇଁ ମେଡିକାଲ ସମ୍ମୁଖରେ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିଙ୍କ ଗହଣରେ ଲୁଟେରା ଗ୍ୟାଙ୍ଗରୁ ଜଣେ ଛିଡା ହୋଇ ରାକେଶଙ୍କ ବାହାରିବା ସମ୍ପର୍କରେ ସୂଚନା ଦେଇଥିଲା ।ଠିକ ଏତିକି ବେଳେ ୩ଜଣ ୨ଟି ବାଇକରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଟଙ୍କା ବ୍ୟାଗଧରି ରାଣିତାଲ ଅଭିମୁଖେ ପଳାଇଥିଲେ । କିଛି ଯୁବକ ପିଛା କରିବା ପରେ ଉକ୍ତ ୪ଜଣ ଲୁଟେରା କେନାଲ ରାସ୍ତାରେ ଅଡା ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଅନ୍ୟ ଜଣେ ଯୁବକ ୟୁପି ସ୍କୁଲ ନିକଟରେ ଏକ ପଲସାର ଗାଡିରେ ଅପେକ୍ଷା କରି ରହିଥିଲା । ୫ଜଣ ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ଅଡା ଚୁଡୁଙ୍ଗା ରାସ୍ତାରେ ଯିବାକୁ ଉଦ୍ୟମ କରୁଥିବା ବେଳେ ପଲସାର ଗାଡି ଷ୍ଟାର୍ଟ ନହେବାରୁ ଉକ୍ତ ଗାଡି ଛାଡି ଦେଇ ଅନ୍ୟ ୨ଟି ବାଇକରେ ପଳାଇଥିଲେ । ଗାଡିକୁ ସ୍ଥାନୀୟ ଯୁବକ ସିମୁଳିଆ ପୋଲିସକୁ ହସ୍ତାନ୍ତର କରିଥିଲେ । ପରେ ସିସିଟିଭି ଫୁଟେଜ ଅନୁଧ୍ୟାନ ରୁ ଝିଙ୍କିରିଆ ଗ୍ରାମର ଆଦିତ୍ୟ ସାମିଲ ଥିବାର ଜଣା ପଡିଥିଲା ଏବଂ ତାକୁ ତା ଗ୍ରାମରୁ ଧରି ଅଣାଯିବା ପରେ ଅନ୍ୟ ମାନେ ସୋର ଅଞ୍ଚଳର ବୋଲି କହିଥିଲା । ଗୁରୁବାର ରାତିରୁ ସମସ୍ତେ ଡୁଙ୍ଗୁରା ଆସିଥିବାର କହିଥିଲା ।

# ଭୋଟର ତାଲିକାରେ ଆଧାର ନମ୍ବର ସଂଯୋଗୀକରଣ ଏବଂ ସ୍ୱତନ୍ତ୍ର ସକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ତ୍ୱରାନ୍ୱିତ



ବାରିପଦା, ୦୪/୦୮ (ନି.ପ୍ର): କେନ୍ଦ୍ର ସରକାର ଙ୍କ ଆଇନ ଓ ବିର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଭାରତର ଲୋକ ପ୍ରତିନିଧି ଆଇନ୍ ୧୯୫୦-୫୧ ର ସଂଶୋଧିତ ବିଜ୍ଞପ୍ତି ଅନୁସାରେ ଭୋଟର ପଞ୍ଜିକରଣ ସଂଶୋଧନ ଆଇନ୍ କରାଯାଇ ପ୍ରକ୍ରିୟା ଚଳିତ ୨୦୨୨ ରିଖ ଅଗଷ୍ଟ ୧ ତାରିଖରୁ ଦେଶର ସମଗ୍ର ରାଜ୍ୟରେ କର୍ଯ୍ୟକାରୀ କରାଯାଉଅଛି । ଏହିପରିପ୍ରେକ୍ଷିରେ ରଜ୍ୟର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ସମସ୍ତ ୯ ଗୋଟି ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରରେ ଭୋଟର ତାଲିକାରେ ଆଧାର ନମ୍ବର ସଂଯୋଗୀ କରଣ ଏବଂ ସ୍ୱତନ୍ତ୍ର ସଂକ୍ଷିପ୍ତ ଫୋଟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଇଛି । ଏହିକ୍ରମରେ ଜିଲ୍ଲାପାଳକଙ୍କ କାର୍ଯ୍ୟଳୟ ଫାସିଲିଟେସନ୍ ସମ୍ମିଳନୀ କକ୍ଷରେ ତା.୦୧.୦୮.୨୦୨୨ ରିଖ ଅପରାହ୍ନରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମୟୂରଭଞ୍ଜ ବିନୀତ ଭରଦ୍ୱାଜ ଭାପ୍ରସେଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଡେପୁଟୀ କଲେକ୍ଟର୍ (ନିର୍ବାଚନ) ଉପବିଭାଗ ସାଇସ୍ମିତା ଉପାଧାୟଙ୍କ ପ୍ରମୁଖ ସମେତ ବିଭିନ୍ନ ରାଜନୈତିକ ଦଳିୟ ପ୍ରତିନିଧି ଏବଂ ଗଣ ମାଧମର ଜିଲ୍ଲା ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ଭୋଟର୍ ତାଲିକାରେ ଆଧାର ନମ୍ବର ସଂଯୋଗୀକରଣ ପ୍ରକ୍ରିୟା କାର୍ଯ୍ୟକ୍ରମ ଆଭିମୁଖ୍ୟ ସଂମ୍ପର୍କରେ ଉଲ୍ଲେଖ କରି ଚଳିତ ଅଗଷ୍ଟ ୧ ତାରିଖ ରୁ ଜିଲ୍ଲାର ସମସ୍ତ ୯ ଗୋଟି ନିର୍ବାଚନ ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଆରମ୍ଭ କରାଯାଉଅଛି ସୂଚାଇବା ସହ ଏହି କାର୍ଯ୍ୟକ୍ରମ ଭୋଟରଙ୍କ ଗୋଟିଏ କିମ୍ୱା ଏକାଧିକ ନିର୍ବାଚନ ମଣ୍ଡଳୀରେ ନାମ ପଞ୍ଜୀକରଣ ଥିଲେ, ତାହା ପଞ୍ଜିକରଣ ଫଳରେ ନିର୍ଭୁଲ୍ ଭୋଟର୍ ତାଲିକା ପ୍ରସ୍ତୁତି ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏଥିପାଇଁ ଭାରତ ର ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଧାରିତ ଫର୍ମ -୬-ଖ, ସୂଚନା ପତ୍ରରେ ଭୋଟର୍ ତାଲିକା ପ୍ରମାଣିକରଣ ଉଦେଶ୍ୟରେ ନିଜର ଆଧାର କାର୍ଡ ନଂ ସଂଯୋଗ ପାଇଁ (ପରିଚୟ ପତ୍ର) ସବିଶେଷ ବିବରଣୀ ପୂରଣପକରି ଆବେଦନ କରିପାରିବେ। ଏଥିପାଇଁ ବୁଥ୍ ସ୍ତରରେ ନିୟୋଜିତ ବିଏଲ୍ଓ (ବୁଥ୍ ସ୍ତରୀୟ ଅଧିକାରୀ) ମାନଙ୍କ ଠାରୁ ଉକ୍ତ ଫର୍ମ ସଂଗ୍ରହ ପୂର୍ବକ ପୂରଣ କରି ସଂପୃକ୍ତ ବିଏଲ୍ଓ ଙ୍କ ଠାରେ ଆବେଦନ କରିପାରିବେ । ଏତତ୍ ବ୍ୟତିତ ଭାରତ ନିର୍ବାଚନ କମିସନ୍ ଙ୍କ ୱେବ୍ ସାଇଟ୍ ରେ ଉପଲବ୍ଧ ଥିବା ଫର୍ମ ୬-ଖ, ରେ ସବିଶେଷ ବିବରଣୀ ଭୋଟର୍ ମାନେ ଅନ୍‌ଲାଇନ୍ ରେ ଆବେଦନ କରିପାରିବେ। ସୂଚନା ଯୋଗ୍ୟ ଯେ ଭେଟର୍ ତାଲିକାରେ ଆଧାର୍ କାର୍ଡ ନମ୍ବର ସଂଯୋଗୀ କରଣ ବାଧ୍ୟତାମୂଳକ ନୁହେଁ । ଏହା ସ୍ୱଚ୍ଛାକୃତ ଅଟେ। ଏଥି ସହିତ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର୍ ସଂଶୋଧନ ପ୍ରକ୍ରିୟା ଚଳିତ ଅଗଷ୍ଟ ୪ ତାରିଖରୁ ଜିଲ୍ଲାରେ ମଧ ଆରମ୍ଭ ହେବ । ସୂଚନା ଯୋଗ୍ୟ ଯେ ପୂର୍ବରୁ ପ୍ରତି ବର୍ଷ ଜାନୁୟାରୀ ୧ ତାରିଖ କୁ ୧୮ ବର୍ଷ ଯୋଗ୍ୟତା ସୂଚକ ଭାବେ ଭୋଟର୍ ତାଲିକାରେ ନାମ ପଞ୍ଜିକରଣ ପାଇଁ ଥରେ ସୁଯୋଗ ପାଉଥିଲେ। ବର୍ତମାନ ତାହା ସଂଶୋଧିତ ନିୟମ ଅନୁସାରେ ନୂତନ ଭୋଟର୍ ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଗୋଟିଏ ଯୋଗ୍ୟତା ସୂଚକ ତାରିଖ ପରବର୍ତେ ୪ ଗୋଟିଏ ଯୋଗ୍ୟତା ସୂଚକ ତାରିଖ ପରିବର୍ତେ ଯଥା ଜନୁୟାରୀ ୧ ତାରିଖ, ଏପ୍ରିଲ୍ ୧ ତାରିଖ, ଜୁଲାଇ ୧ ତାରିଖ ଏବଂ ଅକ୍ଟୋବର ୧ ତାରିଖ ଧାର୍ଯ୍ୟ କରାଯାଇଛି ଯାହାକି ନୂତନ ଭୋଟର୍ ମାନେ ନିଜର ନାମ ଭୋଟର୍ ତାଲିକା ରେ ପଞ୍ଜିକରଣ କରିପାରିବାରେ ସୁଯୋଗ ରହିଛି । ଏହି କ୍ରମରେ ୧୮ ବର୍ଷ ପୂର୍ଣ୍ଣ ହେଉଥିବା ନୂତନ ଭୋଟର୍ ମାନେ ଫର୍ମ ନଂ- ୬ ରେ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ। ସେହିପରି ଫର୍ମ ନଂ-୬ କ ରେ ବିଦେଶ ରେ ରହୁଥିବା (ଏନ୍ ଆର୍ ଆଇ) ଭାରତୀୟ ମାନେ ଭୋଟର୍ ତାଲିକାରେ ନାମ ପଞ୍ଜିକରଣ ପାଇଁ ଆବେଦନ କରିପାରିବେ । ଫର୍ମ – ୭ ରେ ଭୋଟର ତାଲିକାରୁ ନାମ ବାଦଦେବା / ମୃତ୍ୟୁ ଜନିତ ପାଇଁ ମୃତ୍ୟୁପ୍ରମାଣ ପତ୍ର ସହିତ ଆବେଦନ କରିବେ। ଫର୍ମ ନଂ – ୮ରେ ବିଧାନ ସଭା ନିର୍ବାଚନ ମଣ୍ଡଳୀ ମଧରେ କିମ୍ୱା ବାହାରକୁ ବାସ ସ୍ଥାନ ସ୍ଥାନକରଣ, ଭୋଟର୍ ତାଲିକା ରେ ଥିବା କୌଣସି ତୃଟି ସଂଶୋଧନ ପକ୍ରିୟା କିମ୍ୱା ଭୋଟର୍ ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ / ଭିନ୍ନକ୍ଷମ ଭୋଟର୍‌ଙ୍କ ଚିହ୍ନଟ ପାଇଁ ଆବେଦିପାରିବେ।

# ସରକାରୀ ଜାଗା ଜବରଦଖଲ ମୁକ୍ତ କରିବା ପାଇଁ ସୂଚନା ଅଧିକାର ସଂଘର ଦାବି ପତ୍ର



ବାଲିଆପାଳ, ୦୪/୦୮ (ନି.ପ୍ର): ବାଲିଆପାଳ ମୌଜା ଏବଂ କଚୁଆପଡା ମୌଜାରେ ଥିବା ବ୍ୟାପକ ସରକାରୀ ଜାଗାକୁ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠିର ଲୋକମାନେ ଦୀର୍ଘ ଦିନ ଧରି ନିଜ ଦଖଲରେ ରଖିଛନ୍ତି । ସେହି ସବୁ ସରକାରୀ ଜାଗାକୁ ଜବର ଦଖଲ ମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ ବାଲିଆପାଳ ପ୍ରଶାସନ ସେଥିପ୍ରତି କର୍ଣ୍ଣପାତ କରିନାହିଁ। ଆଜି ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ବହୁ ସୂଚନା ଅଧିକାର କର୍ମୀ ବାଲେଶ୍ୱର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାରଙ୍କୁ ସରକାରୀ ଜାଗା ଜବରଦଖଲ ମୁକ୍ତ କରିବା ପାଇଁ ଏକ ଦାବି ପତ୍ର ଦେଇଛନ୍ତି । ଏ ସଂକ୍ରାନ୍ତରେ ସୂଚନା ଅଧିକାର ସଂଘ ଆରଡିସି କେନ୍ଦ୍ରାଞ୍ଚଳ (କଟକ) ରାଜସ୍ୱ ସଚିବ ଓଡିଶାଙ୍କୁ ମଧ ଅବଗତ କରାଇଛନ୍ତି । ବାଲିଆପାଳ ଓ କଚୁଆପଡା ମୌଜାରେ ଥିବା ସରକାରୀ ଜାଗାକୁ ଯଥା ଶୀଘ୍ର ଜବରଦଖଲ ମୁକ୍ତ ନ କରାଇଲେ ସଂଘ ଆଗାମୀ ଦିନରେ ଆନ୍ଦୋଳନକୁ ଉହ୍ଲାଇବ ବୋଲି କହିଛି ।

# ଅଗଷ୍ଟ ୫ରେ ପ୍ରତିବାଦ ସହ ୯ରୁ ୧୫ ପର୍ଯ୍ୟନ୍ତ ପଦଯାତ୍ରା କରିବ କଂଗ୍ରେସ



ବାରିପଦା, ୦୪/୦୮ (ନି.ପ୍ର): ଆଗାମୀ ୫ ତାରିଖ ଶୁକ୍ରବାର ଦରଦାମ ବୃଦ୍ଧି, ଉକ୍ରଟ ବେକାରୀ ସମସ୍ୟା, ଚୁଡା, ମୁଢ଼ି, ଗୁଡ, ପେନସିଲ, କଟର, ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର ଅତ୍ୟଧିକ ମୂଲ୍ୟବୃଦ୍ଧି ଆଜି ସାଧାରଣ ଲୋକଙ୍କୁ ଅତିଷ୍ଠ କରିଥିବା ବେଳେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଆଦୌ ଦୃଷ୍ଟି ନଦେଇ କେବଳ ଗାନ୍ଧୀ ପରିବାର ଓ ବିରୋଧୀ ଦଳଙ୍କ ଉପରେ ଆକ୍ରୋଶ ମୂଳକ କାର୍ଯାନୁଷ୍ଠାନ କାର୍ଯ୍ୟରେ ବ୍ୟସ୍ତ ଥିବାର ଅଭିଯୋଗ କରି ଅଗଷ୍ଟ ୫ ତାରିଖ ଦିନ ଏହାର ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଧାରଣା ଓ ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ ଜୋରଦାର ବିରୋଧ ପ୍ରଦର୍ଶନ କରିବେ ବୋଲି ଜଣାଯାଇଛି । ଆଜି ଏହି ବାବଦରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ହେମନ୍ତ ଦାସଙ୍କ ସଭାପତିତ୍ୱରେ ହୋଟେଲ ଦିବ୍ୟା ପେଲେସ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୯ ତାରିଖ ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ପଦଯାତ୍ରା କରି କଂଗ୍ରେସର ଆଦର୍ଶ, ବଳିଦାନ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି । ଆଜିର ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ଯୋଗ ଦେଇ କର୍ମକର୍ତା ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ବୈଠକରେ ପୂର୍ବତନ ସାଂସଦ ଶୁଶ୍ରୀ ଶୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପିସିସି ରାଜ୍ୟ ସଂପାଦକ ପ୍ରଭାସ କର ମହାପାତ୍ର, ବରିଷ୍ଠ ନେତା ବିଜନ ଦାସ, ଜ୍ୟୋତି ପ୍ରକାଶ ରଥ, ଅଶୋକ ଅଧିକାରୀ, ନିରୋଜ ଲୋଚନ ଦାସ, ଯୋଗେଶ ଅଗ୍ରୱାଲ, ଉପସଭାପତି ଅରବିନ୍ଦ ଦାସ, ମହିଳା ସଭାନେତ୍ରୀ ସୁସ୍ମିତା ଘୋସାଲ, ନଗର କଂଗ୍ରେସ ସଭାପତି ଶାନ୍ତନୁ ପାଲ, ଛାତ୍ର ସଭାପତି ମୋତି ପ୍ରକାଶ ଦାସ, ମାଇନରିଟି ସେଲର ଅଧକ୍ଷ ଶେକ ରଖିମ, ଓବିସି ସେଲ ସଭାପତି ଦିଲ୍ଲୀପ ନାଏକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବାଲିମାଫିଆଙ୍କ ଲୁଲୋପ ଦୃଷ୍ଟିରେ ସମୁଦ୍ର ଉପକୂଳବର୍ତ୍ତୀ ଆଡିଆ ବାଲି : ପ୍ରଶାସନ ନୀରବ



ବାଲିଆପାଳ, ୦୪/୦୮ (ନି.ପ୍ର): ବାଲିଆପାଳ ତହସିଲ ଅନ୍ତର୍ଗତ ପଂଚୁପାଲିଠାରୁ ଚଉମୁଖ ପର୍ଯ୍ୟନ୍ତ ବଙ୍ଗୋପସାଗର ଉପକୂଳବର୍ତୀ ବିସ୍ତିର୍ଣ୍ଣ ଆଡିଆ ବାଲି ଉପରେ ବାଲି ମାଫିଆ ମାନଙ୍କର ଲୁଲୋପ ଦୃଷ୍ଟି ପଡିଛି । ପ୍ରତ୍ୟେକ ଦିନ ଶହ ଶହ ଟ୍ରାକ୍ଟର ଜରିଆରେ ସ୍ପଷ୍ଟ ଦିବା ଲୋକରେ ବାଲି ଚାଲାଣ ହେଉଥିଲେ ମଧ ସେହି ଅଂଚଳରେ ଥିବା ରାଜସ୍ୱ ନୀରିକ୍ଷକ ସବୁ ଦେଖି ଆଖିବୁଜି ଦେଲା ପରି ମନେ ହେଉଛି । ପଂଚୁପାଲି ରାଜସ୍ୱ ନିରୀକ୍ଷକଙ୍କ ଏରିଆରେ ନୂଆ ଗାଁ ଏବଂ ଜମ୍ବୀରାଇ ପଂଚାୟତରୁ ବ୍ୟାପକ ମାତ୍ରାରେ ବାଲି ଚାଲାଣ ହେଉଥିବାର ଦେଖିବାକୁ ମିଳୁଛି । ସ୍ଥାନୀୟ ଜନସାଧାରଣ ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ ରାଜସ୍ୱ ନିରୀକ୍ଷକ ଅଧିକାରୀ ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ପରନ୍ତୁ ଅଭିଯୋଗ କରିଥିବା ଜନସାଧାରଣଙ୍କ ସୂଚନା ବାଲିମାଫିଆଙ୍କୁ ସଂପୃକ୍ତ ଅଧିକାରୀ ଜଣାଇ ଦେଉଛନ୍ତି । ପରେ ବାଲି ମାଫିଆ ମାନେ ଅଭିଯୋଗ କରୁଥିବା ଜନସାଧାରଣଙ୍କୁ ନାନାଦି ହଇରାଣ ହରକତ କରୁଛନ୍ତି । ଆଡିଆ ବାଲି ବ୍ୟାପକ ମାତ୍ରାରେ ଚୋରା ଚାଲାଣ ହେବା ଯୋଗୁଁ ସମୁଦ୍ର ଉପକୂଳବର୍ତୀ ଗ୍ରାମ ମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କୁ ପଚାରିବାରୁ ସେ ଆଜି ୨ଟି ଡମ୍ପର ଏବଂ ୨ଟି ଟ୍ରାକ୍ଟର ସିଜ କରାଯାଇଥିବା ବେଳେ ଆଗାମୀ ଦିନରେ ବ୍ୟାପକ ଚଢାଉ ହେବ ବୋଲି କହିଛନ୍ତି । ତେବେ ସମୁଦ୍ର ଉକକୂଳବର୍ତୀ ଗ୍ରାମ ଗୁଡିକର ସୁରକ୍ଷା ପାଇଁ ସରକାର ଆଡି ବନ୍ଧ ନିର୍ମାଣ କରୁଥିବା ବେଳେ ବାଲି ମାଫିଆ ମାନଙ୍କୁ ଆଗାମୀ ଦିନରେ ଯଦି ରୋକା ନ ଯାଇ ପାରିବ ତାହା ହେଲେ ବାଲିଆପାଳ ବ୍ଲକର ଉପକୂଳବର୍ତୀ ୬ଟି ପଂଚାୟତର ୬୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ । ଏଥିରେ ସନ୍ଦେହ ନାହିଁ ।

# ମେଡିକାଲରେ ଚରମ ଅବ୍ୟବସ୍ଥାକୁ ନେଇ ଅଗଷ୍ଟ ୧୫ରେ ଆମରଣ ଅନଶନ ଚେତାବନୀ



ନୀଳଗିରି, ୦୪/୦୮ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ଚରମ ଅବ୍ୟବସ୍ଥାରେ ଚାଲୁଥିବା ବେଳେ ଏହାର ସୁଧାର ଆଣିବା ପାଇଁ ବହୁବାର ରକ୍ତଦାତା ସଂଘ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ସି.ଡି.ଏମ.ଓ. ଓ ଜିଲ୍ଲାପାଳଙ୍କୁ ଅବଗତ କରାଇଥିବା ବେଳେ କୌଣସି ସୁଧାର ନ ଆସିବାରୁ ଗୁରୁବାର ଦିନ ମେଡିକାଲର ବିଭିନ୍ନ ଅବ୍ୟବସ୍ଥା ଉପରେ ସଂଘ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଥିବା ବେଳେ ଯଦି ଏହାର କୌଣସି ସୁଫଳ ନ ମିଳେ ତେବେ ଆସନ୍ତା ଅଗଷ୍ଟ ୧୫ତାରିଖରେ ମେଡିକାଲ ଗେଟ୍ ଆଗରେ ସଂଘ ପକ୍ଷରୁ ଆମରଣ ଅନଶନ ସହ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି । ନୀଳଗିରି ମେଡିକାଲରେ ସ୍ଥାୟୀ ଭେଷଜ ବିଶେଷଜ୍ଞ, ନିଶ୍ଚେତକ ଡାକ୍ତର, ସ୍ତ୍ରୀ ଓ ପ୍ରସୂତୀ , ଶଲ୍ୟ, ଅସ୍ଥିଶଲ୍ୟ, କର୍ଣ୍ଣନାଶା, ଗଳା, ଚକ୍ଷୁ, ଶିଶୁରୋଗ ବିଶେଷଜ୍ଞ ଙ୍କୁ ନିଯୁକ୍ତି, ସ୍ଥାୟୀ ଅଧକ୍ଷକଙ୍କୁ ନିଯୁକ୍ତି, ସମସ୍ତ ଡାକ୍ତର ସରକାରୀ କ୍ୱାଟରରେ ରହଣି, ର୍ୟାମ୍ପ ବ୍ୟବସ୍ଥା, ଅର୍ଥ ଅନୁମୋଦନ ଥାଇବି ଆଇ.ସି.ୟୁ. ନିର୍ମାଣ, ସ୍ୱତନ୍ତ୍ର କୋଭିଡ୍ ୱାର୍ଡ ସମେତ ବହୁ ସମସ୍ୟାକୁ ନେଇ ଆମରଣ ଅନଶନରେ ବସିବେ ବିଜୟ କୁମାର ପାତ୍ର, ରବି ରାଉତ, ରାଜୀବ ସିଂହ, ପରମାନନ୍ଦ ବେହେରା ଚେତାବନୀ ଦେଇଛନ୍ତି ।

# ବ୍ୟାଙ୍କରୁ ୬୦ହଜାର ଟଙ୍କା ଧରି ଫେରୁଥିବା ବେଳେ ଲୁଟେରା ହାବୁଡରେ : ଭଗବାନ ସାହାହେଲେ

ବସ୍ତା, ୦୪/୦୮ (ନି.ପ୍ର): ବସ୍ତା ଅଞ୍ଚଳରେ ଦିନକୁଦିନ ଚୋରୀ ଡକାୟତି ଛିନ୍ତାଇ ଲାଗି ରହୁଥିବା ବେଳେ ଆଜି ଦିନ ଦ୍ୱିପ୍ରହରେ ମଥାନୀ ବାଳାଶ୍ରମ ରାସ୍ତାରେ ଆହ୍ଲାବାଦ ବ୍ୟାଙ୍କରୁ ୬୦ହଜିର ଟଙ୍କାଧରି ଫେରୁଥିବା ବେଳେ ଦୁଇଜଣ ଲୋଟେରା ଏକ ନାଲିରଙ୍ଗର ହିରୋ ବାଇକରେ ଆସି ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ଗୌରାଙ୍ଗ ଦାସକୁ ଅଟକାଇ ଟଙ୍କା ଛଡାଇବା ସମୟରେ ସେହିରାସ୍ତାରେ ସେହି ସମୟରେ କୈଳାସ ପରିଡା ବାଇକରେ ଆସି ପହଞ୍ଚି ବା ଦେଖି ଦୁବୃତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ଅଳ୍ପ କିଛିଦିନ ଆଗରୁ ସେହି ରାସ୍ତିରେ ଯୁବ ବ୍ୟବସାୟୀ ପଞ୍ଚାନନ ମହାନ୍ତିଙ୍କୁ ନିର୍ମମ ଭାବେ ଭୁଜାଲିରେ ହାଣି ନଗଦ ୧ଲକ୍ଷ ୭୦ହଜାର ନେଇଥିବାବେଳେ ୬୦ନମ୍ବର ଜାତୀୟ ରାଜପଥ ବରୁଣଗଡିଆ ବ୍ୟାଙ୍କ ଅଫ ବରଦାରୁ ଡକାୟତି କରି ଥିଲେ । ହେଲେ ବସ୍ତା ପୁଲିସର ନିଷ୍କ୍ରିୟତା ଯୋଗୁ ଏହିଭଳି ବାରମ୍ବାର ଘଟୁଛି । ତେବେ ମଥାନୀ ଛକ ନିକଟରେ ଥିବା ଆହ୍ଲାବାଦ ବ୍ୟାଙ୍କ କୁ ଟଙ୍କା ରଖିବା ବା ଉଠାଇବା ପାଇଁ ଜନ ସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେଉଛି । ତେବେ ବାଲେଶ୍ୱର ଏସ୍‌ପି ଯଥାଶିଘ୍ର ଲୁଟେରା ମାନଙ୍କୁ ଧରି ଥାଡ ଡିଗ୍ରି ପ୍ରୟୋଗ କଲେ କିଛି ମାତ୍ରାରେ ଚୋରି ରୋକିବାସହିତ ଜନସାଧାରଣ ଆଶ୍ୱସ୍ତି ପାଇବେବୋଲି ସବୁ ମହଲରୁ ଦାବି ହୋଇଛି ।

# ପୌରପାଳିକାରେ ଆଉ ୫ ଓଭରଟ୍ୟାଙ୍କ ଲାଗି ଟେଣ୍ଡର ଶେଷ

ଜଳେଶ୍ୱର, ୦୪/୦୮ (ନି.ପ୍ର): କ୍ରମବର୍ଦ୍ଧିଷ୍ଣୁ ଜଳେଶ୍ୱର ମ୍ୟୁନିସିପାଲଟି ଜନସାଧାରଣଙ୍କୁ ବିଶୁଦ୍ଧ ପିଇବାପାଣି ଯୋଗାଇବାଲାଗି ଏବେ ପୌରକାଳିକା ୫ଟି ଓଭରଟ୍ୟାଙ୍କ ନିର୍ମାଣ ଲାଗି ଅର୍ଥ ମଂଜୁର କରିଛି । ଜଳେଶ୍ୱର ପୌରପାଳିକାର ଲୋକସଂଖ୍ୟା ୨୩ହଜାର ଥିବା ବେଳେ ଗୋଟିଏ ଓଭାରହେଡ ଟ୍ୟାଙ୍କ ୧୧ନଂ ୱାର୍ଡ ଟାଉନ୍‌ହଲ ପଛପଟେ ରହିଥିଲା । ଏବେ ଜଳେଶ୍ୱରର ପୌରପାଳିକାର ଲୋକ ସଂଖ୍ୟା ୩୫ ହଜାର ଟପିଥିବାରୁ ପାଣି ପିଇବାଲାଗି ୨୦୦୮ ମସିହାରେ ତ୍କାଳୀନ ବିଧାୟକ ଅଶ୍ୱିନୀ କୁମାର ପାତ୍ର ସରକାରଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ । ଏବେ ସେହାକୁ ଦେହରାଇବାରୁ ୨୦୨୨-୨୩ ମସିହାରେ ଜଳେଶ୍ୱରର ୧୫, ୧୭, ୧୦, ୮ ଓ ୧୩ରେ ଓଭରହେଡ ଟ୍ୟାଙ୍କ ନିର୍ମାଣ ହେବାକୁ ଯାଉଛି । ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଇଞ୍ଜିନିୟରଙ୍କ ଚିଠି ନଂ ୫୭୦୯ ତା ୭-୬-୨୨ ଅନୁଯାୟୀ ୫ କୋଟି ୯୯ଲକ୍ଷ୮୮ ହଜାର ଟଙ୍କାର ଟେଣ୍ଡର ଲାଗି ବାଲେଶ୍ୱର ସ୍ଥିତ ଅତିରିକ୍ତ ସଚିବଙ୍କୁ ଚିଠି ଲେଖିଛନ୍ତି । ମୋଟ ୬ଟି ଓଭରହେଡ ଟ୍ୟାଙ୍କ ଦ୍ୱାରା ପୌରପାଳିକାର ସମସ୍ତ ଅଂଚଳକୁ ପାଣି ଯୋଗାଣ ହୋଇ ପାରିବ । ପ୍ରକାଶଯୋଗ୍ୟ ଓଭରହେଡ ଟ୍ୟାଙ୍କ ନ ଥିବାରୁ ଉଚ୍ଚ ସ୍ଥାନ ଗୁଡିକୁ ଜଳଯୋଗାଣ ହୋଇ ପାରୁନାହିଁ । ଫଳରେ ଲୋକେ ପାଣି ନ ପାଇ ହଇରାଣ ହୋଇ ଆସୁଥିଲେ । ଏ ସମ୍ପର୍କରେ ଆଜି ପୌରପାଳ ପ୍ରଦୀପ ପ୍ରଧାନ ପୌରପାଳିକାରେ ପାଇବାପାଣି ସମସ୍ୟା ଦୂର ହୋଇ ପାରିବ ବୋଲି କହିଥିଲେ । ଆଲୋଚନା ବେଳେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର, ପୌର ଇଞ୍ଜିନୀୟକ ରବିନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଆଇ ଲଭ୍ ଜଳେଶ୍ୱର ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ଲାଗି ୩୧ ଲକ୍ଷ ଟଙ୍କା ବୟବରାଦ ହୋଇଥିବା ବେଳେ ଏବେ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହା ୬ନଂ ୱାର୍ଡରେ ହେବାକୁ ଥିବା ବେଳେ ୨ନଂ ୱାର୍ଡରେ ଭେଣ୍ଡିଜୋନ୍ ୧୬ଲକ୍ଷ ଯଙ୍କା ବ୍ୟୟରେ ନିର୍ମାଣକାର୍ଯ୍ୟ ଚାଲିଥିବା ସୂଚନା ଦେଇଥିଲେ । ଶାନ୍ତିଆ ଠାରେ ୮୮ ଲକ୍ଷ ଟଙ୍କା ବ୍ୟାୟରେ ଏକ ପାର୍କ ନିର୍ମାଣ ଓ ୮୨ଲକ୍ଷ ଟଙ୍କା ବ୍ୟୟବରାଦରେ ଏକ ଶବ ସତ୍କାର ଗୃହର ଟେଣ୍ଡରକାର୍ଯ୍ୟ ଶେଷ ହୋଇଥିବା କହିଥିଲେ । ରାଜ୍ୟର ପ୍ରବେଶପଥ ଜଳେଶ୍ୱରରେ ୧୨ନଂ ୱାର୍ଡ ଓ ୧ନଂ ୱାର୍ଡରେ ୨୬ଲକ୍ଷ ଟଙ୍କା ବ୍ୟୟରେ ୨ଟି ତୋରଣ ପୌରପାଳିକା ତରଫରୁ ନିର୍ମାଣ ହେବାକୁ ଯାଉଥିବା କହିଥିଲେ ।

# ରାଜଧାନୀରେ ୧୨୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୪/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରବାର ମୋଟ ୧୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୩୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୩ ହଜାର ୪୬୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୧ ହଜାର ୧୦୬ ଜଣ ସୁସ୍ଥ ହୋଇଛନ୍ତି।

# ନହଙ୍ଗ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ଜଡିବୁଟି ଦିବସ

ଖଇରା, ୦୪/୦୮ (ନି.ପ୍ର): ଖଇରା ବ୍ଲକ ଅଧୀନ ନହଙ୍ଗ ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଓ ପତଞ୍ଜଳୀ ଯୋଗ ସମିତିର ମିଳିତ ସହଯୋଗରେ ଗୁରୁବାର ଦିନ ବିଦ୍ୟାଳୟ ପରିସରରେ ଆୟୁରର୍ବେଦ ବିଷାରଦ ଆଚାର୍ଯ୍ୟ ବାଲକ୍ରିଷ୍ଣଙ୍କ ଜନ୍ମ ଦିବସ ଓ ଜଡିବୁଟି ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇ ଯାଇଛି । ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ,ଏନ୍‌ଏସ୍‌ଏସ୍ ଯୋଜନା ପରିଚାଳିକା ଜ୍ୟୋତ୍ସ୍ନାବାଳା ଦାସ,ଅଧ୍ୟାପିକା ଅଳକାନନ୍ଦା ସାହୁ ପ୍ରମୁଖ ବକ୍ତବ୍ୟରେ ପ୍ରତ୍ୟେକ ବୃକ୍ଷରେ ଔଷଧୀୟ ଗୁଣ ରହିଛି । ଏଣୁ ବୃକ୍ଷ ଜିବଜଗତର ପରମମିତ୍ର ହୋଇଥିବାରୁ ସମସ୍ତେ ବୃକ୍ଷରୋପଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ । ପରେ ଜାତୀୟ ସେବା ଯୋଜନାର ଛାତ୍ରୀ, ଯୁବ ନେତା ଦୈତାରୀ ପଣ୍ଡା, ମଣ୍ଟୁ ପାତ୍ର ପ୍ରମୁଖ ତତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo